ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.12 Bhubaneswar Wednesday February 15 2023 | ୨୬ତମ ବର୍ଷ ସଂଖ୍ୟା-୧୨ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ମୁଁ ପ୍ରଧାନଶିକ୍ଷକ କହୁଛି, 'ମୋ ସ୍କୁଲ ପିଲା ଭଲରେ ପଢ଼ିପାରୁନାହାନ୍ତି'



ଭୁନେଶ୍ୱର,୧୪।୨(ପି.ଏନ): ମୁଁ ଗଜପତି ଜିଲ୍ଲା ମୋହନା ବ୍ଲକ୍ ଡେଙ୍ଗାସ୍‌ଖାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରୋହିତ କୁମାର ପଲାଇ କହୁଛି। 'ମୋ ସ୍କୁଲ ପିଲା ଭଲରେ ପଢ଼ିପାରୁନାହାନ୍ତି। ସ୍କୁଲରେ ବହୁତଗୁଡ଼ିଏ ସମସ୍ୟା ରହିଛି। ପ୍ରଥମ ସମସ୍ୟା ଏଠାରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନାହିଁ। ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବସି ପାଠପଢ଼ିବାକୁ ଏଠାରେ ମାତ୍ର ୨ଟି ଟିଣ ଛପର ଶ୍ରେଣୀ ଗୃହ ରହିଛି। ତେଣୁ ପିଲାମାନେ ବସି ପାଠପଢ଼ିବାକୁ ହଇରାଣ ହେଉଛନ୍ତି। ବର୍ଷା ହେଲେ ପାଠପଢ଼ା ବନ୍ଦ ରହୁଛି। ଏଠାରେ ପାଣି ପିଇବା ପାଇଁ ନଳକୂଳ ବି ନାହିଁ। ସ୍କୁଲରେ ଖେଳ ପଡିଆ, ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ ନାହିଁ।'ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ କିପରି ଅବହେଳା କରାଯାଉଛି ଓ ସରକାର ତଥା ସରକାରୀ ଅଧିକାରୀ କିପରି ଦାୟିତ୍ୱହୀନତା ଦେଖାଉଛନ୍ତି ତାହାର ପୋଲ ଖୋଲିଛନ୍ତି ଏହି ପ୍ରଧାନଶିକ୍ଷକ।ପ୍ରଧାନଶିକ୍ଷକ ଶ୍ରୀ ପଲାଇ କହିଛନ୍ତି, ଏହି ଅଞ୍ଚଳରେ ଟେଲିଫୋନ୍ ଟାୱାର ନଥିବାରୁ ଫୋନ୍ ନେଟ୍‌ୱାର୍କ ଆସୁନି। ତେଣୁ ସ୍କୁଲର କୌଣସି କାମ ଇଣ୍ଟରନେଟ୍ ଦ୍ୱାରା କରିହେଉନି। ପିଲାମାନେ ମଧ୍ୟ ଇଣ୍ଟରନେଟ୍ ସୁବିଧା ନେଇପାରୁନାହାନ୍ତି। ଅଫିସ୍ ରୁମ୍ ନ ଥିବାରୁ ଅଫିସ୍ ଡକ୍ୟୁମେଣ୍ଟ ରଖିବାରେ ହିନସ୍ତା ହେବାକୁ ପଡୁଛି। ତେଣୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛୁ। ସବୁବେଳେ ଅଭାବ ଅସୁବିଧା ଭିତରେ ରହୁଛୁ। ଏନେଇ ଅନେକ ଥର ବିଇଓଙ୍କ ନିକଟରେ ଲିଖିତ ଜଣାଇଛି। ବିଇଓ ଓ ବିଡିଓ ଆସି ସ୍ଥିତି ଯାଞ୍ଚ କରିଛନ୍ତି। ହେଲେ ସମସ୍ୟାର ସମାଧାନ କରାଯାଉନି। ପିଲାମାନଙ୍କ ପାଠପଢ଼ିବା ନିମନ୍ତେ ଆବଶ୍ୟକ ଶ୍ରେଣୀ ଗୃହ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉନି। ଏହି ସ୍କୁଲ ପିଲାମାନଙ୍କ ପାଇଁ ଯେଉଁ ନୂତନ କୋଠା କରାଯାଉଛି, ତାହାର କାମ ଅଟକାଇ ରଖାଯାଇଥିବାରୁ ତାହା ମଧ୍ୟ ହସ୍ତାନ୍ତର କରାଯାଉନି। ଫଳରେ ପିଲାମାନେ ପାଠପ଼ିବା ନିମନ୍ତେ ଏକ ଉନ୍ନତ ଭିତ୍ତିଭୂମି ପାଇପାରୁନାହାନ୍ତି ବୋଲି ଶ୍ରୀ ପଲାଇ କହିଛନ୍ତି।

## ବଲିଉଡ ଅଭିନେତା ଜାଭେଦ ଖାନଙ୍କ ପରଲୋକ



ମୁମ୍ବାଇ ୧୪।୨(ପି.ଏନ): ବଲିଉଡ ଅଭିନେତା ଜାଭେଦ ଖାନ ଅମରୋହୀ ମଙ୍ଗଳବାର ଇହଲିଳା ସମ୍ବରଣ କରିଛନ୍ତି। ୭୦ ବର୍ଷ ବୟସ୍କ ଜାଭେଦ ୧୪ ଫେବୃଆରୀ ପୂର୍ବାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଜାଭେଦ ଅଭିନୟ କରିଥିବା ଫିଲ୍ମ 'ଲଗାନ', 'ୱାନସ ଅପନ ଏ ଟାଇମ', 'ଅନ୍ଦାଜ ଆପନା ଆପନା', 'ଚ଼କଦେ ଇଣ୍ଡିଆ' ରେ ଅଭିନୟ ଲାଗି ଲୋକେ ମନେ ପକାଇବେ। ଜାଭେଦ ଖାନଙ୍କୁ ଶେଷ ଥର ୨୦୨୦ରେ ଦେଖା ଯାଇଥିଲା। 'ସଡକ-୨'ରେ ସେ ପାକ୍ୟା ଭୂମିକାରେ ଅଭିନୟ କରିଥିଲେ। କେବଳ ଫିଲ୍ମ ନୁହେଁ ସେ ଅନେକ ଟିଭି ସୋରେ ମଧ୍ୟ ଦେଖାଯାଇଛନ୍ତି। ଜାଭେଦ ଇଣ୍ଡିଆନ ପ୍ୟୁପିଲସ୍ ଥିଏଟର ଆସୋସିଏସନ (ଇପଟା)ର ସକ୍ରିୟ ସଦସ୍ୟ ମଧ୍ୟ ଥିଲେ। ଜାଭେଦ ଖାନଙ୍କ ପରଲୋକ ଖବରକୁ ଫିଲ୍ମ ଲଗାନରେ ତାଙ୍କର କୋ-ଷ୍ଟାର ଅଖିଳେନ୍ଦ୍ର ମିଶ୍ର ପୂର୍ବାହ୍ନରେ ପୁଷ୍ଟି କରିଥିଲେ। ସେ ଓ ଜାଭେଦ ଇପଟାର ଯେଉଁ ହ୍ୱାଟସ୍ ଆପ ଗ୍ରୁପରେ ଥିଲେ ସେହି ଗ୍ରୁପରୁ ତାଙ୍କର ପରଲୋକ ଖବର ମିଳିଥିବା ସେ କହିଛନ୍ତି। ସେ ମୁମ୍ବାଇ କାଣ୍ଡିଭେଲିରେ ତାଙ୍କ ପରିବାର ସହ ରହୁଥିଲେ। ସେ ଗତ କିଛି ସମୟ ହେଲା ଅସୁସ୍ଥ ଥିଲେ।ଉଲ୍ଲେଖ ଯୋଗ୍ୟ ଯେ ଜାଭେଦଙ୍କର ଦୀର୍ଘ ସମୟରୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା। ଏହା ଛଡା ସେ ଗତ ୧ ବର୍ଷ ହେଲା ବେଡ ରିଡିନ ଥିଲେ। ଗୁରୁତର ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ସାନ୍ତାକ୍ରୁଜ ସ୍ଥିତ ସୂର୍ଯ୍ୟ ନର୍ସିଂ ହୋମରେ ଆଡମିଟ୍ ଥିଲେ। ସେହିଠାରେ ସେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସନ୍ଧ୍ୟା ସାଢେ ୬ଟା ବେଳେ ତାଙ୍କୁ ଓସିୱାରାସ୍ଥିତ ଗ୍ରେଭୟାର୍ଡରେ ସଂସ୍କାର କରାଯାଇଛି।

## ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ ୩ ଦିନିଆ କୃଷି ଓଡିଶା ୨୦୨୩ ସମ୍ମିଳନୀ

ଭୁବନେଶ୍ୱର,୧୩ ଫେବୃଆରୀ ୨୦୨୩: ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଏଫ୍‌ଆଇସିସିଆଇ) ସହ ସହଭାଗିତାରେ ମିଳିତ ଭାବେ ଆସନ୍ତା ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆଠାରେ ତିନି ଦିନିଆ କୃଷି ଓଡିଶା ୨୦୨୩ ସମ୍ମିଳନୀର ଆୟୋଜନ କରାଯିବ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'କୃଷି କ୍ଷେତ୍ରରେ ବିକଶିତ ଟେକ୍ନୋଲୋଜି'। ଏହି କାର୍ଯ୍ୟକ୍ରମରେ କୃଷି ଓ ଏହାସହ ଜଡିତ କ୍ଷେତ୍ରଗୁଡିକର ବିଭିନ୍ନ ବର୍ଗ ଉପରେ ମୋଟ ୨୧୨ଟି ଷ୍ଟଲ୍ ସ୍ଥାପନ କରାଯିବ। ଏଥିରେ ବିଭିନ୍ନ ସରକାରୀ ସଂସ୍ଥା, ବ୍ୟାଙ୍କ ଓ କୃଷି ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ। ଏଫ୍‌ପିଓ, ଏସ୍‌ଏଚ୍‌ଜି, ଏନ୍‌ଜିଓ ଓ ଇନ୍‌ପୁଟ୍ ଡିଲର୍‌ମାନେ ମଧ୍ୟ କୃଷି ଓଡିଶାରେ ଅଂଶଗ୍ରହଣ କରିବେ। ଏଠାରେ କୃଷକମାନେ ୧୦ଟି ଥିମାଟିକ୍ ସେମିନାର୍ ମାଧ୍ୟମରେ ସଦ୍ୟତମ ଟେକ୍ନୋଲୋଜିଗୁଡିକ ବିଷୟରେ ଜାଣିବାକୁ ପାଇବେ।ଏହି କାର୍ଯ୍ୟକ୍ରମ ଉତ୍ପାଦନ ଟେକ୍ନୋଲୋଜି, କୃଷି ଯାନ୍ତ୍ରିକୀକରଣ, କୃଷି କ୍ଷେତ୍ରରେ ଆଇସିଟିର ପ୍ରୟୋଗ, ଭିତ୍ତିଭୂମି ବିକାଶ, ବଜାର ସଂଯୋଗ, ଋଣ ପାଇଁ ସହଜ ପହଂଚ, ଉନ୍ନତ କୃଷି ଉପକରଣଗୁଡିକର ବ୍ୟବହାର ଓ ସେଗୁଡିକର ବିତରଣ ଏବଂ କୃଷି ଉଦ୍ୟୋଗଗୁଡିକର ସ୍ଥାପନ ଭଳି ବିଷୟ ଉପରେ ଅଧିକ ଗୁରୁତ୍ୱ ଦେବ। କୃଷି ଓଡିଶା କୃଷକମାନଙ୍କୁ ଆଧୁନିକ କୃଷିକାର୍ଯ୍ୟ ସମ୍ପର୍କରେ ସମସ୍ତ ସୂଚନା ସହିତ ସକ୍ଷମ କରିବ ଏବଂ ଏହାର ଗ୍ରହଣୀୟତା ପାଇଁ ସେମାନଙ୍କଠାରେ ଆତ୍ମବିଶ୍ୱାସ ସୃଷ୍ଟି କରିବ। ଆଜି କୃଷି ଭବନର ଅଡିଟୋରିୟମ ହଲ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, 'ଆମେ ସମ୍ବଲପୁର, ବାରିପଦା, ବ୍ରହ୍ମପୁର ଓ କୋରାପୁଟ୍ ଭଳି ୪ଟି ସ୍ଥାନରେ ଆଂଚଳିକ କୃଷି ମେଳାର ଆୟୋଜନ କରିଥିଲୁ। ଏଭଳି ମେଳାକୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ କରିବା ପାଇଁ ନିଷ୍ପତି ନିଆଯାଇଛି ଏବଂ ମୁଁ ଏହା ସୂଚିତ କରି ଆନନ୍ଦିତ ଯେ, ଏଭଳି ଅଧିକାଂଶ ମେଳାକୁ ସଫଳତାର ସହ ପରିଚାଳନା କରାଯାଇଛି ଏବଂ ଅବଶିଷ୍ଟ ମେଳାଗୁଡିକୁ ଖୁବ୍‌ଶୀଘ୍ର ଆୟୋଜନ କରାଯିବ। କୃଷକମାନେ ବହୁମାତ୍ରାରେ ଉପକୃତ ହୋଇଛନ୍ତି। ରାଜ୍ୟ ସରକାର କୃଷି ଯାନ୍ତ୍ରିକୀକରଣ ବୃଦ୍ଧି କରିବା ପାଇଁ ନିଷ୍ପତି ନେଇଛନ୍ତି। ଆମେ ଏହି ଉଦ୍ଦେଶ୍ୟ ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିଛୁ। ଯଦି ଆବଶ୍ୟକ ପଡେ ତେବେ ଆବଂଟନ ବୃଦ୍ଧି କରିବା ପାଇଁ ମଧ୍ୟ ଆମେ ପ୍ରସ୍ତୁତ ରହିଛୁ। ଆମେ ବ୍ଲକ୍ ସ୍ତରରେ ମଧ୍ୟ କୃଷି ମେଳାର ଆୟୋଜନ କରିବା ପାଇଁ ଯୋଜନା ରଖିଛୁ।'ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମୁଖ୍ୟ ସଚିବ ଡଃ ଅରବିନ୍ଦ ପାଢୀ କହିଛନ୍ତି, 'ଆମେ ମିଲେଟ୍ ବା ମାଣ୍ଡିଆ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରିବାକୁ ଯୋଜନା ରଖିଛୁ ଯେଉଁଥିରେ ଆନ୍ତର୍ଜାତୀୟ ଏଜେନ୍ସିଗୁଡିକର ବିଶେଷଜ୍ଞମାନେ ଅଂଶଗ୍ରହଣ କରିବେ। ଉଦ୍ୟାନ କୃଷି, ମାଛଚାଷ ଓ ପଶୁସମ୍ପଦ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନର ମଧ୍ୟ ଆୟୋଜନ କରାଯିବ। ଆମେ ଏହି କାର୍ଯ୍ୟକ୍ରମରେ ରାଜ୍ୟବ୍ୟାପୀ ମହିଳା କୃଷକଙ୍କ ସମେତ ୧୫୦୦ରୁ ଅଧିକ କୃଷକଙ୍କ ଯୋଗଦାନ ପାଇଁ ଆଶା ରଖିଛୁ। କୃଷକମାନେ କୃଷି କ୍ଷେତ୍ରରେ ନୂତନ ଟେକ୍ନୋଲୋଜି ଗ୍ରହଣୀୟତା ସମ୍ପର୍କରେ ଜାଣିବାକୁ ପାଇବେ। ଶିଳ୍ପ ସହଯୋଗୀମାନେ ଏଠାରେ ନିଜର ନୂତନ ଉପକରଣ ଓ ପଦ୍ଧତିଗୁଡିକୁ ପ୍ରଦର୍ଶିତ କରିବେ।' ଏହି ଅବସରରେ ଓଡ଼ିଶା ସରକାରଙ୍କ କୃଷି ଏବଂ ଖାଦ୍ୟ ଉତ୍ପାଦନ ବିଭାଗ ନିର୍ଦ୍ଦେଶକ, ଆଇଏଏସ, ଶ୍ରୀ ପ୍ରେମ ଚନ୍ଦ୍ର ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ସଚିବ ଓ ଆୟୁକ୍ତ ସୁରେଶ କୁମାର ବଶିଷ୍ଟ କହିଛନ୍ତି, 'ଆମେ ହୀରାକୁଦ ଜଳଭଣ୍ଡାରରେ ସଫଳତାର ସହ କେଜ୍ (ପୁରୀ) ସଂସ୍କୃତିର ଶୁଭାରମ୍ଭ କରିଥିଲୁ ଯାହାକୁ ଏକ ଗମ୍ଭୀର ଆକ୍ୱାକଲ୍‌ଚର ଭାବେ ବିବେଚନା କରାଯାଉଛି। ବାୟୋଫ୍ଲକ୍ ମାଛ ଚାଷ ହେଉଛି ଆମ ବିଭାଗର ସବୁଠାରୁ ଲୋକପ୍ରିୟ ଯୋଜନା। କୌଶଲ୍ୟାଗଙ୍ଗାଠାରେ ଆନୁବଂଶିକ ଭାବେ ଉନ୍ନତ ମାଛଗୁଡିକୁ ବିକଶିତ କରାଯାଉଛି। ରାଜ୍ୟ ସରକାର ମାଛ ଚାଷ ପାଇଁ ରାଜ୍ୟର ମହିଳା ଏସ୍‌ଏଚ୍‌ଜିଗୁଡିକୁ ସରକାରୀ ସହାୟତା ବୃଦ୍ଧି କରିବା ପାଇଁ ମଧ୍ୟ ପ୍ରସ୍ତୁତ ରହିଛନ୍ତି।'ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ସନ୍ଧ୍ୟାରେ ସଫଳ କୃଷି ମଡ୍ୟୁଲ୍ ହାସଲ କରିବା କ୍ଷେତ୍ରରେ ନିଜର ଉତ୍କର୍ଷତାର ପ୍ରଦର୍ଶନ କରିଥିବା ଓଡିଶାର ୩୦ଟି ଜିଲ୍ଲାର କୃଷକ, କୃଷି ଉଦ୍ୟୋଗୀ , ଏସ୍‌ଏଚ୍‌ଜି / ଏଫ୍‌ପିଓକୁ ସମ୍ମାନିତ କରାଯିବ। କୃଷି ଓଡିଶା ୟୁଟ୍ୟୁବ୍ ଓ ଫେସ୍‌ବୁକ୍ ମାଧ୍ୟମରେ ମଧ୍ୟ ଲାଇଭ୍ ଷ୍ଟ୍ରିମ୍ ହେବ।













## ଟି ଟାଇମ୍

# ପୁରାଣ କାହାଣୀ

## ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ପର୍ଯ୍ୟବେକ୍ଷକ ମହାନଗର

## କବି ଗଦାଧର ଦ୍ୱିବେଦୀଙ୍କ ଗ୍ରନ୍ଥାବଳୀ ଉନ୍ମୋଚିତ



କେନ୍ଦୁଝର (ପିଏନ୍): ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ପ୍ରଥିତଯଶା ସ୍ରଷ୍ଟା ସ୍ୱର୍ଗତଃ 'ଗଦାଧର ଦ୍ୱିବେଦୀଙ୍କ ଗ୍ରନ୍ଥାବଳୀ' ଉନ୍ମୋଚିତ ହୋଇଯାଇଛି। କେନ୍ଦୁଝରଗଡ଼ସ୍ଥ ସ୍ଥାନୀୟ ଜନାର୍ଦ୍ଦନପୁର ଶାସନସ୍ଥ କବିଙ୍କ ପୈତୃକ ଗୃହ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭ ବିଶ୍ୱବିଦ୍ୟାଳୟର ଦ୍ୱିତୀୟପ୍ରସ୍ତ ର ପ୍ରଫେସର ଡ଼କ୍ଟର ବବ୍ରୁବାହନ ମହାପାତ୍ର କାବ୍ୟ ସ୍ରଷ୍ଟାଙ୍କୁ ବିଶ୍ୱ ସ୍ରଷ୍ଟାଙ୍କ ସହ ତୁଳନା କରି ଐଶ୍ୱରୀକ ପ୍ରତିଭାର ଗୁଣଗାନ କରିଥିଲେ। ବିଶିଷ୍ଟ କବି ଦେବାଶିଷ ଚକ୍ରବର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିଙ୍କ ସୁପୁତ୍ର ଆଡ଼ଭୋକେଟ ରାମନାରାୟଣ ଦ୍ୱିବେଦୀ ନିଜ ପିତାଙ୍କର ସୃଷ୍ଟି କୌଶଳ ସମ୍ପର୍କରେ ଆଲୋକପାତ କରିବା ସହ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କବି ଭରତ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ଦେବାପରେ କବି ଦେବାଶିଷ ଚକ୍ରବର୍ତ୍ତୀ କବିବର ରାଧାନାଥଙ୍କ କାବ୍ୟ ଚେତନା ଓ ସ୍ୱଭାବ କବି ଗଙ୍ଗାଧରଙ୍କ ସୃଷ୍ଟିଧାରା ସଦୃଶ ଗଦାଧରଙ୍କ ସୃଷ୍ଟି ସମ୍ଭାର ଅତ୍ୟ' ପ୍ରଭାବଶାଳୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ ସମାଲୋଚକ ତଥା ଗବେଷକ ନିରନ ବାରିକ ଗଦାଧରଙ୍କ ଜୀବନଧାରାରେ କାବ୍ୟିକ ମନ୍ମୟତା ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ କବି ଡ଼କ୍ଟର ଚିତ୍ତ ମିଶ୍ର ଗଦାଧରଙ୍କ ଲେଖନୀ ମଧ୍ୟଯୁଗୀୟ କାବ୍ୟ ଉନ୍ମେଷର ସତେଜ ପ୍ରବାହ ସୃଷ୍ଟି କରିଛି ବୋଲି ମତ ପୋଷଣ କରିଥିଲେ। କବିଙ୍କ ନାତି ଆଲୋକ ମିଶ୍ର ଗଦାଧରଙ୍କ ନୀତି,ଆଦର୍ଶ ଓ ପ୍ରଜ୍ଞାଶୀଳତା ସମ୍ପର୍କରେ ଦୃଷ୍ଟିପାତ କରିଥିବାବେଳେ କବୟିତ୍ରୀ ଇନ୍ଦୁମତି ପାତ୍ର ଗଦାଧରଙ୍କୁ ଓଡ଼ିଆ କବିତାର ଏକ ନୀରଳସ ସାଧକ ବୋଲି ଅବିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଗାଳ୍ପିକ ଡ଼କ୍ଟର ଅନୀଲ ଦାସ ସାଧନା ଓ ସିଦ୍ଧି ପାଇଁ ଉଚ୍ଚାରଣ ଓ ଆଚରଣର ସମାନତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର କବିଙ୍କର ପ୍ରଶାସନିକ ପାଣ୍ଡିତ୍ୟ ସମ୍ପର୍କରେ ଆଲୋକପାତ କରିବା ପରେ କୁମାରୀ ଶ୍ୱେତା ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କବିଙ୍କ ବଡ଼ନାତି ସାମ୍ବାଦିକ ଦୀପକ ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଚୋରୀ ବାଇକ୍ ଉଦ୍ଧାର

ଚଣ୍ଡିଖୋଲ (ପିଏନ): ଚଣ୍ଡିଖୋଲ ସ୍ଥିତ ଆଦିତ୍ୟ ମହିନ୍ଦ୍ର ସୋରୁମ୍ ନିକଟରୁ ମନୋରଂଜନ ସାହୁଙ୍କୁ ଘରୁ ଏକ ୟ୍ୟାମା ବାଇକ୍ ନଂ ଓ.ଡ଼ି.୦୯-୦୯୨୬କୁ ୨ଜଣ ଲୋକ ଚୋରୀ କରି ନେଇଥିବା ସମୟରେ ରାତ୍ରୀକାଳୀନ ପେଟ୍ରୋଲିଂ କରୁଥିବା ଚଣ୍ଡିଖୋଲ ଫାଣ୍ଡି ପୋଲିସ ହାବୁଡ଼ରେ ପଡ଼ିଥିଲେ। ଫଳରେ ଚୋରମାନେ ଗାଡ଼ିକୁ ଫୋପାଡ଼ି ଦେଇ ରାତ୍ରର ଅନ୍ଧକାର ଭିତରେ ଲୁଚିଯାଇଥିଲେ। ପୋଲିସ ବାଇକ୍‌ଟିକୁ ଉଦ୍ଧାର କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଗାଡ଼ି ମାଲିକ ମନୋରଂଜନ ସାହୁ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କଲାପରେ ନିଜର କାଗଜପତ୍ର ଦେଖାଇ ଗାଡ଼ିଟିକୁ ଆଣିଥିଲେ। ସେହିପରି ଦୀର୍ଘ ୨ମାସ ହେଲା ଏକ କଳା ରଙ୍ଗର ହୋଣ୍ଡା ସାଇନ୍ ବାଇକ୍ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଉଦ୍ଧାର କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗାଡ଼ିଟିର କୌଣସି ଦାବୀଦାର ପହଂଚି ନଥିବାରୁ ଗାଡ଼ିଟି ଫାଣ୍ଡିରେ ଅଛି। ଫାଣ୍ଡି ଅଧିକାରୀ ଚିତରଂଜନ ଜେନା ଉପଯୁକ୍ତ କାଗଜପତ୍ର ଦେଖାଇ ଗାଡ଼ିଟିକୁ ନେବା ପାଇଁ ଅନୁରୋଧ କରିଛନ୍ତି।

## ଟାଙ୍ଗୀରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

ଖୋର୍ଦ୍ଧା(ପିଏନ)- ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ବ୍ଲକର ୧୨ ନମ୍ବର ଜୋନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରଚାର ନିମନ୍ତେ ସ୍ଥାନୀୟ କଂଗ୍ରେସ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ମା ଉଗ୍ରତାରା ମନ୍ଦିର ପ୍ରାଙ୍ଗଣରୁ ବାହାରି ସାନ ରାଉତପଡା, ନୂଆଗଡ, ହରିପୁର, ନିରାକାରପୁର, ଡିଆ, ଲେଣ୍ଡୁ ଓ ଭୂଷଣ୍ଡପୁର ପଂଚାୟତ ପରିକ୍ରମା କରିଥିଲେ। ଏହି ନିର୍ବାଚନ ରାଲିରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ଯୋଗଦେଇ ବିଜେଡି ଓ ବିଜେପି ସରକାରଙ୍କ ଦୁର୍ନିତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ସହ ଚଳିତ ନିର୍ବାଚନରେ ୧୨ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ବିଜୟ ଲାଭ କରିବା ନିମର୍ନେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ଉପ ସଭାପତି କୁସୁମ ପ୍ରଧାନ,ଚଳଚ୍ଚିତ୍ର ଅଭିନେତ୍ରୀ ସୂର୍ଯ୍ୟସ୍ନାତା ମହାଁ,ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଯୁବ ଉପ ସଭାପତି ଶିଳାଦିତ୍ୟ ପଟ୍ଟନାୟକ,ଯୁବନେତା ଭୂଷଣ ଛୋଟରାୟ,ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ସୁକା' ରାଉତ, ଯୁବ କଂଗ୍ରେସ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ଅ'ର୍ଗତ ମନୋହରପୁର ଗ୍ରାମ ପଂଚାୟତ ସତ୍ୟପାଳ ଗ୍ରାମର ଗୁହାଳଡିହ ସାହିରେ ପାଖାପାଖି ୧୫/ ୨୦ପରିବାର ଦୀର୍ଘଦିନ ହେଲା ସ୍ଥାୟୀ ଭାବେ ବସବାସ କରୁଥିବା ବେଳେ ଆଜି ପର୍ଯ୍ୟ' ଉକ୍ତ ସାହିକୁ ଯାତାୟତ କରିବା ପାଇଁ ନୀତିଦିନିଆ ଭଲ ରାସ୍ତାଟିଏ ନାହିଁ କି ପାନୀୟ ଜଳର ସୁବିଧା ମଧ୍ୟ ହୋଇନାହିଁ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ସାହିର ଅବସ୍ଥା ଏପରି ହୋଇଛି ଯେ କେହି ନଦେଖିଲେ ବିଶ୍ୱାସ କରିବେ ନାହିଁ। ପରିତାପର ବିଷୟ ଗତ ୫ ତାରିଖ ଦିନ ସେହି ଗ୍ରାମର ପ୍ରଭାସ ଚନ୍ଦ୍ର ଦାସଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗକୁ ଖବର ମଧ୍ୟ ଦିଆଯାଇଥିଲା। ହେଲେ ଦୁଃଖର ବିଷୟ ଉକ୍ତ ସାହିକୁ ଯାତାୟତ ପାଇଁ ଭଲ ରାସ୍ତାଟିଏ ନଥିବାରୁ ଦମକଳ ଗାଡି ବହୁ ବିଳମ୍ବରେ ପହଂଚି ଥିଲା। ସେତେ ବେଳେକୁ ଘରର ସବୁ ଆସବାବପତ୍ର ସହ ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଥିଲା। ସରକାରଙ୍କ ମାଳ ମାଳ ଯୋଜନାରେ ଗ୍ରାମାଞ୍ଚଳକୁ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଏଥିରୁ ବଂଚିତ ହୋଇଛନ୍ତି ଗୁହାଳଡିହ ସାହିବାସୀ। ତେଣୁ ଗ୍ରାମବାସୀମାନେ ବାଧ୍ୟ ହୋଇ ପ୍ରତି ପରିବାର ପିଛା ଚାନ୍ଦା ଆଦାୟ କରି ଜେସିବି ମେସିନ୍ ଦ୍ୱାରା ନୂତନ ରାସ୍ତାଟିଏ ନିର୍ମାଣ କରିବାକୁ ଅଣ୍ଟା ଭିଡିବା ସହ ପ୍ରଶାସନ ନିକଟରେ ଯଥାଶୀଘ୍ର ଉକ୍ତ ସାହିରୁ ଯାତାୟତ କରିବା ପାଇଁ କଂକ୍ରିଟ୍ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

## ସମାଜସେବୀ ବସନ୍ତ ଦାସଙ୍କ ପୁଣ୍ୟତିଥିରେ ସ୍ମୃତିସଭା



କେନ୍ଦ୍ରାପଡ଼ା (ପିଏନ୍): ଅଭୟା ଲେଖିକା ସ୍ମୃତିସଂସଦ ଆନୁକୂଲ୍ୟରେ ସମାଜସେବୀ ବସନ୍ତ ଦାସଙ୍କ ପ୍ରଥମ ପୁଣ୍ୟତିଥି ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସତୀର୍ଥ ସଭାପତି ଅମର ପ୍ରସାଦ ରାଉତଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ସହରର ନସଡିପୁର ସ୍ଥିତ ସ୍ୱର୍ଗତ ଦାସଙ୍କ ବାସଭବନରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ, ଶିକ୍ଷକ ଶୁଭାଂଶୁ କୁମାର ଦାସ, ଅଭୟା ଲେଖିକା ସ୍ମୃତି ସଂସଦ ସଭାପତି ବାସନ୍ତୀ ଦାସ, ପାର୍ବତୀ ନାୟକ, ଗୀତାଞ୍ଜଳି ସାହୁ, ସୁଶ୍ରୀ ସଂଗୀତା ନାୟକ, ମହେଶ୍ୱର ମହାନ୍ତି, ମିନତୀ ମହାନ୍ତି, ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ, ଦେବଦର୍ଶିନୀ ମହାନ୍ତି, ଭବ୍ୟାମୟୀ ଦାସ, ସୁଷମା ପରିଜା, ବନଲକ୍ଷ୍ମୀ ମହାନ୍ତି, ରାଜକିଶୋର ମହାନ୍ତି, ଅଞ୍ଜଳି ପ୍ରଭା ଦାସ, ସ୍ୱପ୍ନାଂଶୁ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୋଲକ ସେଠୀ ଭକ୍ତି ସଂଗୀତ ଗାନ କରିଥିଲେ।

# ରେଳ ସଂସ୍କାରରେ ଲାଗିଛନ୍ତି ରେଳମନ୍ତ୍ରୀ





ଚଳିତ ରେଳ ବଜେଟରେ (୨୦୨୨-୨୩ ଆର୍ଥିକ ବର୍ଷ) ଅନେକ କିଛି ଘୋଷଣା କରିଛନ୍ତି ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନି ବୈଷ୍ଣବ। ଷ୍ଟେସନଗୁଡ଼ିକର ନବୀକରଣ, ସେତୁର ସୁଦୃଢ଼ୀକରଣ, ସିଗ୍‌ନାଲ ପ୍ରଣାଳୀ ଓ ଦୂରସଂଚାର ପ୍ରଣାଳୀର ଆଧୁନିକୀକରଣ ତଥା ନୂଆ ଲାଇନର ସର୍ଭେ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯିବାର ଆବଶ୍ୟକତା ରହିଛି। ମୁଖ୍ୟତଃ ଭାରତୀୟ ରେଳୱେକୁ ବ୍ୟବସାୟିକ ସଂସ୍ଥାରେ ପରିଣତ କରାନଯାଇ ସର୍ବସାଧାରଣ ସେବା ସଂସ୍ଥାରେ ପରିଣତ କରାଯିବାର ଅତ୍ୟନ୍ତ ଆବଶ୍ୟକତା ରହିଛି।

ଏହି ବଜେଟ୍ ଓଡ଼ିଶାବାସୀଙ୍କ ପାଇଁ ବେଶ୍ ଖୁସି ଆଣି ଦେଇଛି। ଓଡ଼ିଶାରେ ଆବଶ୍ୟକ ରେଳ ଭିତ୍ତିଭୂମିର ବିକାଶ ଲାଗି ପଥ ପରିଷ୍କାର ହୋଇଥିବା ମନେହେଉଛି। ଓଡ଼ିଶାକୁ ଏଥର ମିଳିଛି ୯,୭୩୪ କୋଟି ଟଙ୍କା, ଯାହା ଓଡ଼ିଶାର ରେଳ ବଜେଟ୍ ଇତିହାସରେ ଓଡ଼ିଶା ପାଇଁ ସର୍ବାଧିକ ଓ ଐତିହାସିକ। ରାଜ୍ୟର ୭ଟି ଜିଲ୍ଲାରେ ରେଳ ଲାଇନ୍ ନାହିଁ। ଜାତୀୟ ସ୍ତର ତୁଳନାରେ ଆମ ରାଜ୍ୟରେ ରେଳ ଲାଇନର ପରିମାଣ ବହୁ କମ୍ ରହିଛି। ରେଳବାଇ କ୍ଷେତ୍ରରେ ପଛୁଆ ରାଜ୍ୟକୁ ଗୁରୁତ୍ୱ ଦିଆଯିବା ଲକ୍ଷ୍ୟ ନେଇ କେତେକ ନୂଆ ଲାଇନ୍ ସହ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଖୁସି କରାଯିବାକୁ ଚେଷ୍ଟା କରାଯାଇଛି। ଦୀର୍ଘ ବର୍ଷ ତଳୁ ନିର୍ମାଣାଧୀନ ଲାଇନ୍‌ଗୁଡ଼ିକର ସମ୍ପୂର୍ଣ୍ଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ବେଳେ ଚଳିତ ବଜେଟ୍ ରାଜ୍ୟବାସୀଙ୍କ ମନରେ ରଙ୍ଗିନ୍ ସ୍ୱପ୍ନ ଭରି ଦେଇଛି। ଏହି ବଜେଟ୍‌ରେ ନୂଆ ଲାଇନ୍ ଓ ଚାଲୁଥିବା ପ୍ରକଳ୍ପ ପାଇଁ ୧୮୦୬.୧୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ରାଜ୍ୟରେ ଦ୍ୱିତୀୟ ଲାଇନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ବାବଦରେ ୬,୫୧୨.୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି, ଯାହା ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତ କରିଛି।

ତେବେ ଏହି ରେଳ ବଜେଟ୍ ଓଡ଼ିଶାର ବିକାଶ ପାଇଁ ସହାୟକ ହେବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। କେତେକ ରାଜନୀତିକ ନେତା ଓ ସାଧାରଣ ଲୋକେ ଏହାକୁ ପ୍ରଗତିଶୀଳ ଓ ଦୂରଦୃଷ୍ଟିପୂର୍ଣ୍ଣ ବୋଲି ଚର୍ଚ୍ଚା କରୁଛନ୍ତି। ଅନ୍ୟପକ୍ଷରେ ଏହି ବଜେଟ୍ ଓଡ଼ିଶା ଶିଳ୍ପାୟନରେ ସହାୟକ ହେବା ନିଶ୍ଚିତ ମନେହେଉଛି। ସଂପ୍ରତି ଓଡ଼ିଶାରେ ଶିଳ୍ପ ପ୍ରସାର ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ସେଥିପାଇଁ ବ୍ୟାପକ ରେଳପଥ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱର-ମୁମ୍ବାଇ ଓ ଭୁବନେଶ୍ୱର-ଦିଲ୍ଲୀ ମଧ୍ୟରେ ଅଧିକ ସିଧାସଳଖ ଟ୍ରେନ୍‌ର ଆବଶ୍ୟକତା ଅଛି। ଅନ୍ୟପକ୍ଷରେ ପାରାଦୀପ ଓ ଧାମରା ବନ୍ଦର ମଧ୍ୟରେ ସିଧା ରେଳପଥ ନିର୍ମାଣର ଆବଶ୍ୟକତା ରହିଛି। ଏହା ସମ୍ଭବ ହେଲେ କେନ୍ଦ୍ରାପଡା ଜିଲ୍ଲାର ଅନୁନ୍ନତ ଅଞ୍ଚଳର ବିକାଶ ସମ୍ଭବ ହୋଇପାରିବ। ଯେହେତୁ କେନ୍ଦ୍ରାପଡ଼ା ଜିଲ୍ଲାର ସୀମା ସଲଗ୍ନ ଉତ୍ତରରେ ଧାମରା ବନ୍ଦର ଅବସ୍ଥିତ ଥିବାବେଳେ ଦକ୍ଷିଣରେ ପାରାଦ୍ୱୀପ ବନ୍ଦର। ଏଣୁ ଏଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ସେହିପରି ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଶେଷ କରିବା ଦିଗରେ ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଗୁରୁତ୍ୱ ଦେଉଛନ୍ତି। ସେହିପରି ଦେଶରେ ଯାତ୍ରୀଙ୍କ ସଂଖ୍ୟା ହୁ ହୁ ବୃଦ୍ଧି ପାଉଥିବା ବେଳେ ଆବଶ୍ୟକ ସଂଖ୍ୟାରେ ନୂଆ ଟ୍ରେନ୍‌ର ବ୍ୟବସ୍ଥା ଆବଶ୍ୟକ। ଗଞ୍ଜାମରେ ପ୍ରସ୍ତାବିତ ରେଳ ଡ଼ବା କାରଖାନା, ରେଳ ୱାଗନ୍ କାରଖାନା, କେସିଙ୍ଗାରେ ୱାଗନ୍ ମରାମତି କାରଖାନା ଆଦି ଘୋଷିତ ପ୍ରକଳ୍ପ ପାଇଁ ଅଧିକ ବ୍ୟୟବରାଦ କରାଯିବା ସହିତ ଯଥାଶୀଘ୍ର ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ।

ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଜଣେ ପୂର୍ବତନ ସଫଳ ଆଇଏଏସ୍ ଅଧିକାରୀ। ନିଜର ସଫଳ କାର୍ଯ୍ୟ ପାଇଁ ସେ ସମସ୍ତଙ୍କୁ ଚକିତ କରି ଦେଇ କିଛିମାସ ତଳେ ଭାରତର ରେଳ, ଆଇଟି, ସଂଚାର, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ମନ୍ତ୍ରୀ ହୋଇଗଲେ। ଇତିମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀବାବୁ ରେଳ ବିଭାଗରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଜୋରଦାର କାର୍ଯ୍ୟ ଚାଲୁ ରଖିଛନ୍ତି। ଆହୁରି ମଧ୍ୟ ରେଳମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ରେଳ ବିଭାଗରେ ଭ୍ରଷ୍ଟାଚାରୀମାନଙ୍କ ସହ କୌଣସି ବୁଝାମଣା କରାଯିବ ନାହିଁ। ରେଳମନ୍ତ୍ରୀ ଭାବରେ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିବା ବେଳେ କଳାହାଣ୍ଡି ଏବଂ ଓଡ଼ିଶାର ଅନ୍ୟ ପଛୁଆ ଅଞ୍ଚଳରେ ରେଳ ଭିତ୍ତିଭୂମିର ବିକାଶ କରାଇବା ତାଙ୍କର ପ୍ରମୁଖ କାର୍ଯ୍ୟ ହେବ ବୋଲି କହିଥିଲେ। ଆଉ ତାଙ୍କ ସମୟରେ ଓଡ଼ିଶାରେ ରେଳ ଭିତ୍ତିଭୂମି ମଜଭୁତ ହୋଇପାରିବ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଥିଲା। ସବୁ ସତ ରେଳମନ୍ତ୍ରୀ ଓଡ଼ିଶାର ଦାବିଠାରୁ ଦୁଇ ହଜାର କୋଟି ଟଙ୍କା ଅଧିକ ଦେଲେ। ଯାହା ପୂର୍ବବର୍ଷ ତୁଳନାରେ ୭୬% ଅଧିକ ଅର୍ଥାତ୍ ୯୭୩୪ କୋଟି ଟଙ୍କା।

ରାଜ୍ୟରେ ରେଳ ସେବାର ବିକାଶ ପାଇଁ ରାଜ୍ୟ ସରକାର ମଧ୍ୟ ନିଜ ଭୂମିକା ଠିକ୍ ରୂପେ ନିର୍ବାହ କରିବାର ଆବଶ୍ୟକତା ରହିଛି। ନୂଆ ରେଳପଥର ସର୍ଭେ ଓ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠାରେ ରାଜ୍ୟ ସରକାରଙ୍କର ପ୍ରମୁଖ ଭୂମିକା ରହିଛି। ଜମି ଅଧିଗ୍ରହଣ କାର୍ଯ୍ୟ ଠିକ୍ ସମୟରେ ହେବା ସହ ଅନ୍ୟାନ୍ୟ କାର୍ଯ୍ୟରେ ରାଜ୍ୟ ସରକାର ସହଯୋଗ ଦେବା ଆବଶ୍ୟକ। ରେଳସେବା କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଥିଲେ ମଧ୍ୟ ରେଳ ବିଭାଗକୁ ରାଜସ୍ୱ ଦେବାରେ ଓଡ଼ିଶାର ପ୍ରମୁଖ ଭୂମିକା ରହିଛି। ଅର୍ଥାତ୍ ରେଳ ବିଭାଗ ଓଡ଼ିଶାରୁ ଆୟ କରୁଥିବା ଅନୁରୂପ ସେବା ଓଡ଼ିଶାବାସୀଙ୍କୁ ଯୋଗାଇ ଦେବା ଉଚିତ। ରାଜ୍ୟରେ ଚାଲିଥିବା ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ରେଳପଥ ଭିତ୍ତିଭୂମିକୁ ଶକ୍ତିଶାଳୀ କରାଯିବାର ଆବଶ୍ୟକତା ରହିଛି। ନିର୍ମାଣାଧୀନ ରେଳପଥର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ ହେବାର ବ୍ୟବସ୍ଥା କରାଯିବା ଉଚିତ। ଏହା ଉପରେ ରାଜ୍ୟର ଅର୍ଥନୀତିକ ଅବସ୍ଥା ନିର୍ଭର କରୁଛି। ଅତଏବ ରାଜ୍ୟରେ ରେଳସେବାର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ତେବେ ଶ୍ରୀ ବୈଷ୍ଣବ ନିଜର ସଫଳ କାର୍ଯ୍ୟ ପାଇଁ ୨୦୦୩ରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ କାର୍ଯ୍ୟାଳୟରେ ଉପ-ସଚିବ ପଦରେ ନିଯୁକ୍ତି ପାଇଥିଲେ। ଏତିକିବେଳେ ଶ୍ରୀ ବୈଷ୍ଣବଙ୍କ ଜୀବନରେ ଏକ ନୂଆମୋଡ଼ ଆସିଲା। ଆଉ ବାଜପାୟୀଙ୍କ ହାତରୁ କ୍ଷମତା ଯିବା ପରେ ମଧ୍ୟ ସେ ତାଙ୍କ ନିଜସ୍ୱ ସଚିବ ହୋଇ ରହିଲେ। ଏହାର କିଛିଦିନ ପରେ ବାଜପାୟୀ ରାଜନୀତିରୁ ଦୂରେଇଯିବା ପରେ ଶ୍ରୀ ବୈଷ୍ଣବଙ୍କୁ ଗୋଆ ବନ୍ଦରର ଡେପୁଟି ଚେୟାରମ୍ୟାନ ପଦରେ ନିଯୁକ୍ତି ଦିଆଗଲା। କିନ୍ତୁ ଏହାର କିଛିଦିନ ପରେ ଶ୍ରୀ ବୈଷ୍ଣବ ଚାକିରିରୁ ଇସ୍ତଫା ଦେଇଦେଲେ। ଏହାର କିଛିଦିନ ପରେ ନରେନ୍ଦ୍ର ମୋଦିଙ୍କ ସହିତ ଅଶ୍ୱିନୀ ବୈଷ୍ଣବଙ୍କର ସାକ୍ଷାତ ହୋଇଥିଲା। ମୋଦି ବୈଷ୍ଣବବାବୁଙ୍କ ବିଭିନ୍ନ ସଫଳ କାର୍ଯ୍ୟ ପାଇଁ ବେଶ୍ ପ୍ରଭାବିତ ହୋଇଥିଲେ। ଫଳସ୍ୱରୂପ ୨୦୧୯ରେ ଓଡ଼ିଶାରୁ ବିଜେପି ବୈଷ୍ଣବବାବୁଙ୍କୁ ରାଜ୍ୟସଭାକୁ ପଠାଇଲା। ଆଉ ଏହାର କିଛିଦିନ ପରେ ସମସ୍ତଙ୍କୁ ଚକିତ କରିଦେଇ ବୈଷ୍ଣବବାବୁ ଭାରତର ରେଳ, ଆଇଟି, ସଂଚାର, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ମନ୍ତ୍ରୀ ହୋଇଗଲେ। ପରେ ପରେ ରେଳମନ୍ତ୍ରୀ ରେଳ ବିଭାଗରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଜୋରଦାର କାର୍ଯ୍ୟ ଆରମ୍ଭ କଲେ। ଆଗାମୀ ତିନିବର୍ଷ ମଧ୍ୟରେ ଭାରତୀୟ ରେଳରେ ଏପରି କିଛି ବ୍ୟବସ୍ଥା ହେବ, ଯଦ୍ୱାରା ସାଧାରଣ ଯାତ୍ରୀ ମଧ୍ୟ ବିଭିନ୍ନ ସୁବିଧା ପାଇପାରିବେ ବୋଲି ରେଳମନ୍ତ୍ରୀ ଘୋଷଣା କଲେ। ଯାତ୍ରୀଭଡ଼ା ଯୁକ୍ତିସଂଗତ ହେବା ସହ ରେଳଯାତ୍ରୀମାନଙ୍କୁ ବ୍ୟାପକ ସୁରକ୍ଷା ଯୋଗାଇ ଦିଆଯିବାର କଥା କହିଲେ ରେଳମନ୍ତ୍ରୀ। ଆହୁରି ମଧ୍ୟ ରେଳମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ରେଳ ବିଭାଗରେ ଭ୍ରଷ୍ଟାଚାରୀମାନଙ୍କ ସହ କୌଣସି ବୁଝାମଣା କରାଯିବ ନାହିଁ। ଭ୍ରଷ୍ଟ ଅଧିକାରୀମାନଙ୍କୁ ସେ ନିଜେ ଜେଲ୍ ପଠାଇବେ। ବିଭାଗୀୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେ ଏ ବାବଦରେ ସତର୍କ ରହିବାକୁ କହିଛନ୍ତି। ମାତ୍ର ସାଧୁ ଓ କର୍ମଠ ରେଳ କର୍ମଚାରୀଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ୧୫୦ଟି ରେଳ ଷ୍ଟେସନକୁ ପୁନଃ-ଉନ୍ନତିକରଣ କରିବାର ଲକ୍ଷ୍ୟ ରଖିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ତେବେ ୪୦୦ରୁ ଅଧିକ ରେଳ ଷ୍ଟେସନକୁ ଏହି ଯୋଜନାରେ ସାମିଲ କରାଯାଇଛି। କିନ୍ତୁ ୫୦ଟି ରେଳଷ୍ଟେସନକୁ ଏବେ ମିସନ୍ ମୋଡ୍‌ରେ ବିକଶିତ କରିବାର ଯୋଜନା କରିଛନ୍ତି ରେଳମନ୍ତ୍ରୀ। ଏହି ସମସ୍ତ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଆଧୁନିକ ସୁବିଧା କରାଯାଇଛି।

ରେଳମନ୍ତ୍ରୀ ଭାବରେ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, କଳାହାଣ୍ଡି ଏବଂ ଓଡ଼ିଶାର ଅନ୍ୟ ପଛୁଆ ଅଞ୍ଚଳରେ ରେଳ ଭିତ୍ତିଭୂମିର ବିକାଶ କରାଇବା ତାଙ୍କର ପ୍ରମୁଖ କାର୍ଯ୍ୟ ହେବ। ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭବାନିପାଟଣାଠାରେ ଘୋଷଣା କରିଥିଲେ ଯେ, ଜୁନାଗଡ଼ରୁ ଅମ୍ବାଗୁଡ଼ା ମଧ୍ୟରେ ରେଳ ଲାଇନ୍ ନିର୍ମାଣର ପରିଯୋଜନା ଶୀଘ୍ର ଆରମ୍ଭ ହେବ। ଏଥିସହିତ ସେ କହିଥିଲେ, ଜୁନାଗଡ଼ରୁ ଧର୍ମଗଡ଼ ମଧ୍ୟରେ ରେଳଧାରଣା ବିଛାଇବା କାମକୁ ମଧ୍ୟ ଦ୍ରୁତ କରାଯିବ। ସେ ଆହୁରି ମଧ୍ୟ କହିଥିଲେ ଯେ, କଳାହାଣ୍ଡିର ଦୁର୍ଗମ ଅଞ୍ଚଳ ଓ ଅତି ଦୁର୍ଗମ ଅଞ୍ଚଳରେ ରେଳ ସଂପର୍କ ବଢାଇବା ଓ ଆଇଟି ସେବାର ବିକାଶ କରାଇବା ତାଙ୍କର ମୂଳ ଲକ୍ଷ୍ୟ। ଆହୁରି ମଧ୍ୟ ରେଳମନ୍ତ୍ରୀ କହିଥିଲେ ଯେ, ରେଳ ମନ୍ତ୍ରଣାଳୟ ଖୁବ ଶୀଘ୍ର କଳାହାଣ୍ଡି ଜିଲ୍ଲାର ନର୍ଲା ଅଞ୍ଚଳରେ ପ୍ରସ୍ତାବିତ 'ଲୋକୋ ସାମୟିକ ମରାମତି କାର୍ଯ୍ୟ' ସଂପାଦନ ପାଇଁ ବ୍ୟବସ୍ଥା ହୋଇଛି। ଏହି ପରିଯୋଜନାକୁ ୨୦୧୭-୧୮ରେ ମଂଜୁରୀ ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ।

**ଶରତ କୁମାର ରାଉତ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ: ୯୩୩୭୩୬୯୪୪୮*

## ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସହିଦ ଦିବସ ପାଳିତ

ଖୋର୍ଦ୍ଧା (ପିଏନ)- ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଖୋର୍ଦ୍ଧାଷ୍ଟେଟ ବ୍ୟାଙ୍କ ଛକ ନିକଟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଓ ଦୁଇ ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ମହାପାତ୍ର ଗାନ୍ଧୀଙ୍କ ସ୍ମୃତିଚାରଣ କରି ବାପୁଙ୍କ ବିନା ଭାରତବର୍ଷ ଇଂରେଜମାନଙ୍କ ପରାଧିନତାରୁ କେବେ ବି ମୁକ୍ତି ପାଇପାରି ନଥାନ୍ତା। ଅହିଂସା ସ୍ୱରାଜ୍ୟ ଓ ସତ୍ୟାଗ୍ରହ ଆଦର୍ଶକୁ ନେଇ ତିନିଶହ ବର୍ଷର ପରାଧିନତାରୁ ସ୍ୱାଧିନତାପ୍ରାପ୍ତି ସାରା ବିଶ୍ୱରେ ବିରଳ। ସାରା ବିଶ୍ୱକୁ ଏହାକୁ ବିଶ୍ୱାସ କରି ତାଙ୍କ ଜନ୍ମ ଦିବସକୁ ଆନ୍ତର୍ଜାତିକ ଅହିଂସା ଦିବସର ସମ୍ମାନର ଦେଇ ଆସୁଛି। ଏହି ଅବସରରେ ଶ୍ରୀ ମହାପାତ୍ର ସ୍ୱାଧିନତା ସଂଗ୍ରାମରେ ପ୍ରାଣବଳି ଦେଇ ସହିଦ ହୋଇଥିବା ଓ ଖୋର୍ଦ୍ଧାର ବୀର ପାଇକ ଓ ସ୍ୱାଧିନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ତାଙ୍କର ଅଭିଭାଷଣ ପୂର୍ବକ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣନାଥ ମହାବିଦ୍ୟାଳୟର ସରକାରୀ ଅଧିକାରୀ ଓ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଉପସ୍ଥିତ ରହିଥିଲେ।

## ପୁତ୍ରର ଚିକିତ୍ସା ଲାଗି ସହାୟତା ପାଇଁ ବାପାମାଆଙ୍କ ଆକୁଳ ନିବେଦନ



ଖୋର୍ଦ୍ଧା (ପିଏନ)- ବେଗୁନିଆ ସଦର ମହକୁମାର ନୂଆସାହିସ୍ଥିତ ପ୍ରତାପ ବାରିକଙ୍କ ପୁତ୍ର ରଘୁନାଥ(୧୬)ଙ୍କର ପିଲା ଦିନରୁ ହାର୍ଟ ରୋଗ ବାହାରି ଥିଲେ ମଧ୍ୟ ପରିବାର ଲୋକେ ବିଭିନ୍ନ ସମୟରେ ଚିକିତ୍ସା ପାଇଁ ଅର୍ଥ ଖର୍ଚ୍ଚ କରି ଆସୁଥିଲେ। ତେବେ ପ୍ରତାପ ଗାଁ ଗାଁ ବୁଲି ବାରିକ ବୃତି କରି ନିଜ ପରିବାରକୁ ଅଭାବ ଅନାଟନ ସତ୍ତ୍ୱେ ଚଳାଇ ଆସୁଥିଲେ। ଗତ ୨୦୨୦ ମସିହାରେ ରଘୁ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ହାର୍ଟ ରୋଗଟି ଅଧିକ ଜଟିଳ ହେବାରୁ ପାଠପଢାରେ ଡୋରୀ ବାନ୍ଧିଥିଲା। ପରିବାର ପକ୍ଷରୁ ସେହି ବର୍ଷ ଭୁବନେଶ୍ୱର ଏମସରେ ଚିକିତ୍ସା ପାଇଁ ଭର୍ତି କରିଥିଲେ ମଧ୍ୟ ଚିକିତ୍ସା ହୋଇ ନପାରିବାରୁ ଗତ ୨୦୨୧ ମସିହା ଡିସେମ୍ବର ମାସରେ କଲିକତାର ଏକ ଚିକିତ୍ସାଳୟରେ ହାର୍ଟର ବାଇପାସ ସର୍ଜରୀ କରିଛନ୍ତି। କିଁନ୍ତୁ ଏବେ ସେ ଯକ୍ଷ୍ମା ରୋଗରେ ପିଡୀତ ହୋଇ ଶର୍ଯ୍ୟାଶାୟୀ ଅବସ୍ଥାରେ ପଡି ରହିଛନ୍ତି। ପ୍ରତାପଙ୍କର ଆର୍ଥିକ ସମସ୍ୟା ବହୁତ ଜଟିଳ ଥିବାରୁ ଶଯ୍ୟାଶାୟୀ ପୁତ୍ରକୁ ଚିକିତ୍ସା ପାଇଁ ଅର୍ଥର ଘୋର ଅଭାବ ହେତୁ ଦୁଃଖରେ କାଳାତିପାତ କରୁଛନ୍ତି।ଏଥିପାଇଁ ସେ ମୁଦ୍ରିତ ଗଣମାଧ୍ୟମରେ ସାହାଯ୍ୟ ସହଯୋଗ କରିବା ପାଇଁ ୯୭୭୭୮୮୮୩୬୨ (ଫୋନ ପେ ) ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୬୬ ୟୁନିଟ୍ ରକ୍ତ ସଂଗୃହିତ




ଚଣ୍ଡିଖୋଲ (ପିଏନ)--ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଧାନମଣ୍ଡଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଶିବିରକୁ ୪୮୮ ବର୍ଗ ରାଜ୍ୟ ଅଧାପକ ସଂଘ ସଭାପତି ଅଧାପକ ପବିତ୍ର କୁମାର ମାହାଲା ଉଦ୍‌ଘାଟନ କରି ରକ୍ତଦାନ ପରି ଏକ ମହତ୍ ଦାନକୁ ଆପଣାଇ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଉଥିବା ସ୍ୱେଚ୍ଛାସେବୀମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ଅବିନାଶ ଜେନା ଓ ସମ୍ପାଦକ ଅନୀଲ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରକୁ ପ୍ରକାଶ କୁମାର ନାୟକ, କାହ୍ନୁ ଚରଣ ସାହୁ, କାର୍ତ୍ତିକ ଜେନା, ପ୍ରମୋଦ ଜେନା, ପ୍ରାପ୍ତୀପରମିତା ନାୟକ, ଆଶ୍ୱସ୍ତି ବେହେରା, ପ୍ରକାଶ ସାମଲ, ଜ୍ୟୋତିର୍ମୟୀ ବେହେରା, ପତିତପାବନ ସାହୁ, ପ୍ରକାଶ କୁମାର ସାହୁ, ଆକାଶ କୁମାର ସାହୁ, ବିଭାଷ ଚନ୍ଦ୍ର ନନ୍ଦ, ରଂଜନ କୁମାର ସିଂ, ଅକ୍ଷୟ କୁମାର ଦାସ, ସୌମ୍ୟରଂଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଭୁବନେଶ୍ୱରସ୍ଥିତ ରାଜ୍ୟ ରେଡ଼କ୍ରସ ତରଫରୁ ଡ଼ଃ ସୁଧାଂଶୁ ଶେଖର ସାହୁ, ଅବିନାଶ ଜେନା, ଶେଷମୋହନ ଶତପଥୀ, ବିଜୟ କୁମାର ସ୍ୱାଇଁ, କୀର୍ତନ ଭାଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦରର ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଶୁକ୍ଳ ଉଦ୍‌ଯାପନ କରି ରକ୍ତଦାତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରକ୍ତଦାନ ଶିବିରରେ ଚନ୍ଦନ କୁମାର ପଣ୍ଡା ସମେତ ୬୬ ଜଣ ପୁରୁଷ ଓ ମହିଳା ରକ୍ତଦାନ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୧୫

# ବିଜୟା ବା ପଙ୍କୋଦ୍ଧାର ଏକାଦଶୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭଗବାନ ରାମଚନ୍ଦ୍ର ରାବଣ ସହ ଯୁଦ୍ଧ କରିବା ପାଇଁ ବାନରଙ୍କ ସହ ଲଙ୍କା ଯିବାକୁ ପ୍ରସ୍ତୁତ ହେଉଥାନ୍ତି । ଏହି ସମୟରେ ସମୁଦ୍ର ପାର ହେବା ତାଙ୍କ ପାଇଁ ବଡ଼ ସମସ୍ୟା ଭାବେ ଛିଡ଼ା ହେଲା । ଏହି ସମସ୍ୟାର ସମାଧାନ ଲାଗି ଭଗବାନ ରାମ ଓ ଲକ୍ଷ୍ମଣ ମିଶି ମୁନି ବକଦାଲଭ୍ୟଙ୍କ ନିକଟରେ ପହଞ୍ଚିଲେ । ରାମ ନିଜ ସମସ୍ୟା ସମ୍ପର୍କରେ କହିବାରୁ ମୁନି ତାଙ୍କୁ ବିଜୟା ଏକାଦଶୀ ବ୍ରତ କରିବାକୁ କହିଲେ । ଶାସ୍ତ୍ରରେ ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଏକାଦଶୀକୁ ବିଜୟା ଏକାଦଶୀ ବ୍ରତ କରିବାକୁ କହିଲେ । ଶାସ୍ତ୍ରରେ ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଏକାଦଶୀକୁ ବିଜୟା ଏକାଦଶୀ କୁହାଯାଇଛି । ଚଳିତ ବର୍ଷ ଏହି ଏକାଦଶୀ ୧୬ ଫେବୃଆରୀରେ ପଡ଼ୁଛି । ଓଡ଼ିଆରେ ବିଜୟା ଏକାଦଶୀ ପଙ୍କୋଦ୍ଧାର ଏକାଦଶୀ ନାମରେ ପ୍ରସିଦ୍ଧ । ବିଜୟା ଏକାଦଶୀ ବ୍ରତର ବିଧି ସମ୍ପର୍କରେ ମୁନି କହିଲେ ଯେ ଦଶମୀ ଦିନ ସୁନା, ରୂପା, ତମ୍ବା କିମ୍ବା ମାଟିର ଏକ କଳସ ସ୍ଥାପନ କରି ସେଥିରେ ଜଳ ଓ ପଲ୍ଲବ ରଖନ୍ତୁ । ଏହା ଉପରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ସ୍ଥାପନ କରିବା ଆବଶ୍ୟକ । ଏକାଦଶୀ ଦିନ ପ୍ରାତଃ କାଳରୁ ସ୍ନାନ କରିବା ମାଳା, ଚନ୍ଦନ, ନଡ଼ିଆ ଆଦିରେ କଳସର ପୂଜା କରିବା ଆବଶ୍ୟକ । କଳସ ସମ୍ମୁଖରେ ଭଗବାନଙ୍କ କଥା ପାଠ କରିବା ଆବଶ୍ୟକ । ରାତ୍ରିରେ ଉଜାଗର ରହି ଭଜନ କୀର୍ତ୍ତନ କରିବା ଉଚିତ । ପରଦିନ କଳସକୁ ଜଳରେ ବିସର୍ଜନ କରି କଳସ ଉପରେ ରଖାଯାଇଥିବା ସାମଗ୍ରୀ ବ୍ରାହ୍ମଣଙ୍କୁ ଦାନ କରିବା ଉଚିତ । ଭଗବାନ ରାମଚନ୍ଦ୍ର ଏହି ବିଧିରେ ବିଜୟା ଏକାଦଶୀ ବ୍ରତ କରିବା ପରେ ସେତୁ ବାନ୍ଧିବାରେ ସଫଳ ହୋଇଥିଲେ । ଲଙ୍କା ପହଞ୍ଚି ରାବଣକୁ ମୃତ୍ୟୁ ମୁଖରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ । ପଦ୍ମପୁରାଣରେ କୁହାଯାଇଛି, ଯେଉଁ ବ୍ୟକ୍ତି ଏହି ଏକାଦଶୀ ବ୍ରତ କରିଥାଏ, ସେ ବାଜପେୟ ଯଜ୍ଞ ସମାନ ଫଳ ପ୍ରାପ୍ତି କରିଥାଏ । ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ଏହି ଏକାଦଶୀ ବ୍ରତ କରିବା ଦ୍ୱାରା ଜୀବନରେ କଠିନରୁ କଠିନ ସମସ୍ୟା ମଧ୍ୟ ଦୂର ହୋଇଥାଏ ।ଲୋକନାଥଙ୍କ ପଙ୍କୋଦ୍ଧାର : ପୁରୀ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଲୋକନାଥ ମହାଦେବଙ୍କ ମନ୍ଦିରରେ ପଙ୍କୋଦ୍ଧାର ଏକାଦଶୀ ବିଶେଷ ମହତ୍ୱ ରଖିଥାଏ । ବର୍ଷତମାମ ଭଗବାନ ଲୋକନାଥଙ୍କ ଲିଙ୍ଗ ଜଳ ଏବଂ ପଙ୍କରେ ବୁଡ଼ି ରହିଥାଏ । ମହାଶିବରାତ୍ରୀ ପୂର୍ବରୁ ପଡୁଥିବା ପଙ୍କୋଦ୍ଧାର ଏକାଦଶୀ ଦିନ ଲୋକନାଥଙ୍କ ପୀଠରେ ପଙ୍କ ଏବଂ ଜଳ କଢ଼ାଯାଇଥାଏ । ଫଳରେ ମହାପ୍ରଭୁ ଲୋକନାଥ ବାହାରକୁ ଦେଖାଯାଇଥାନ୍ତି । ପରେ ମହାଶିବରାତ୍ରୀ ଅବସରରେ ତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ପଙ୍କୋଦ୍ଧାର ଏକାଦଶୀ ଅବସରରେ ଭଗବାନ ଲୋକନାଥଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟକ ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ଆସିଥାନ୍ତି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ବିଜ୍ଞାନ : ଜ୍ଞାନର ଜନନୀ



ବିଚିତ୍ରାନନ୍ଦ ପ୍ରଧାନ

ପ୍ରାତଃକାଳର ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟରେ ମନୁଷ୍ୟର ସମସ୍ତ ଅଜ୍ଞତା ଅନ୍ଧବିଶ୍ୱାସ ସକାଳ ପୂର୍ବର ଅନ୍ଧକାର ସଦୃଶ କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି । ବିଜ୍ଞାନର ନବ ଆଲୋକରେ ଆଜି ସମଗ୍ର ମାନବ ସମାଜ ଆଲୋକିତ ହୋଇଛି । ବିଜ୍ଞାନ ସହିତ ପ୍ରୟୋଗ ସମ୍ଭବ ଆବିଷ୍କାର ଓ ଉଦ୍ଭାବକ ସମାଜ ଉପରେ ପ୍ରତ୍ୟକ୍ଷ ପ୍ରଭାବିତ ହୋଇଅଛି । ଫଳରେ ମନୁଷ୍ୟର ଜୀବନ ଯାତ୍ରା ସହଜ ଓ ସୁଖମୟ ହୋଇପାରିଛି । ବିଜ୍ଞାନ ଜ୍ଞାନାଲୋକର ଅସରନ୍ତି ଉତ୍ସ । ବିଜ୍ଞାନ ଦ୍ୱାରା ମାନବ ସଭ୍ୟତା କାହିଁ କେତେ ଦୂରକୁ ଚାଲି ଯାଇଛି । ଏଣୁ ବିଜ୍ଞାନର ଉପକାରିତାକୁ କଳନା କରିହେବନାହିଁ । ମନୁଷ୍ୟ ହୃଦୟରେ ଜ୍ଞାନର ବିକିରଣ ହେତୁ, ବିଜ୍ଞାନ ଆଜି ସମାଜ ଦ୍ୱାରା ବିପୁଳ ପରିମାଣରେ ସ୍ୱାଗତ ଓ ସମାଦୃତ ହୋଇପାରିଛି । ନୂତନ ଆଶା ଆକାଂକ୍ଷା ମଧ୍ୟରେ ନବୀନ ଉଦ୍ଦୀପନା ନେଇ ମନୁଷ୍ୟ ବହୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ତ୍ୟାଗ କରି, ବିଜ୍ଞାନ ସମ୍ମତ ଜ୍ଞାନ ଗାରିମାରେ ସମୃଦ୍ଧ ହୋଇଅଛି । ବିଜ୍ଞାନ ଶିକ୍ଷାର ଅଗ୍ରଗତି ହେତୁ ସମାଜର ଦୀର୍ଘ ପାରମ୍ପାରିକ କୁସଂସ୍କାର ଦୂରୀଭୂତ ହୋଇ ପୃଥିବୀର ବୈପ୍ଲବିକ ପରିବର୍ତ୍ତନ ଦେଖାଦେଇଛି । ବୈଜ୍ଞାନିକ ଆଇନଷ୍ଟାଇନଙ୍କ ମତରେ ସମାଜରୁ କ୍ରୀତଦାସ ପ୍ରଥାର ନିରାକରଣର ମୌଳିକ କାରଣ ହେଉଛି ବିଜ୍ଞାନ । କାରଣ ବୈଜ୍ଞାନିକ ଯନ୍ତ୍ରପାତି ଦ୍ୱାରା ଶିଳ୍ପକାର୍ଯ୍ୟ, କୃଷିକାର୍ଯ୍ୟ ସହିତ ନାଳ ନର୍ଦ୍ଦମା ଓ ପରିଶ୍ରାଗାର ସଫା କରିବା ପ୍ରଭୃତି କୁତ୍ସିତ କାର୍ଯ୍ୟ ଅପେକ୍ଷାକୃତ ସହଜ ସାଧ୍ୟ ଓ ଅଳ୍ପବ୍ୟୟରେ ହୋଇପାରିଅଛି । ତତ ସହିତ ଭାରି ଦ୍ରବ୍ୟ ପରିବହନ ଅତୀବ କଷ୍ଟସାଧ୍ୟ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରୁଅଛି । ଏହାଦ୍ୱାରା ମାନବୀୟ ଶ୍ରମର ଆବଶ୍ୟକତା କମ ଦରକାର ପଡୁଅଛି । ପୂର୍ବରୁ ଏହି ସବୁ କଷ୍ଟସାଧ୍ୟ କାର୍ଯ୍ୟ କ୍ରୀତଦାସ ମାନଙ୍କ ଦ୍ୱାରା କରାଯାଉଥିଲା । କ୍ରୀତଦାସ ପ୍ରଥା ପରି ଘୃଣ୍ୟ ପରମ୍ପରା ଓ କୁସଂସ୍କାର ଦେଶ ମାନଙ୍କରେ ଚଳି ଆସୁଥିଲା । ବିଜ୍ଞାନର ଅଗ୍ରଗତି ଯୋଗୁଁ ନୂତନ ଯନ୍ତ୍ରପାତି ତିଆରି କରାଯାଇ ଆବଶ୍ୟକୀୟ କାର୍ଯ୍ୟ ଅଳ୍ପ ଖର୍ଚ୍ଚରେ କରାଯାଇପାରୁଛି । କ୍ରୀତଦାସ ପ୍ରଥାର ଉଚ୍ଛେଦ ପାଇଁ ଆମେରିକା ଓ ଅନ୍ୟାନ୍ୟ ଦେଶ ମାନଙ୍କର ଆଶୁସମ୍ମତି ସହଜରେ ମିଳି ଯାଇଅଛି । ଅଧୁନା କ୍ରୀତଦାସ ପ୍ରଥାର ପ୍ରଚଳନ ଆଉ ପୃଥିବୀରେ ନାହିଁ । ଆମ୍ଭ ମାନଙ୍କର ଦୈନନ୍ଦିନ ଜୀବନରେ ବିଜ୍ଞାନ ଆମକୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରୁଅଛି । ଦିଆସିଲି ଠାରୁ ଆରମ୍ଭ କରି ବିଜୁଳି ଆଲୁଅ, ବୈଦ୍ୟୁତିକ ପଙ୍ଖା, ବେତାର ଯନ୍ତ୍ର, ଘଣ୍ଟା, ଟେଲିଭିଜନ ଆଦି ମନୁଷ୍ୟ ପାଇଁ ସବୁ ସମୟରେ ଦରକାର ହେଉଅଛି । ରେଳ, ମଟର, ଉଡ଼ାଜାହାଜ, ପାଣିଜାହାଜ ଓ ଶୀତତାପ ନିୟନ୍ତ୍ରକ ଆଦି ନବ ଆବିଷ୍କାର ଓ ଉଦ୍ଭାବନ ହେବା ଦ୍ୱାରା ମନୁଷ୍ୟର ଜୀବନ ଯାତ୍ରା ସହଜ ଓ ସୁଖମୟ ହୋଇଅଛି । ବିଜ୍ଞାନ ବଳରେ ବହୁ ଶକ୍ତିଶାଳୀ ଔଷଧ ଉଦ୍ଭାବିତ ହୋଇ ଜନସାଧାରଣଙ୍କୁ ନାନା ମାରାତ୍ମକ ରୋଗରୁ ରକ୍ଷା କରିପାରୁଅଛି । ଏକ୍ସରେ ଯନ୍ତ୍ର, ତାପମାନ ଯନ୍ତ୍ର, ଅଣୁବିକ୍ଷଣ ଯନ୍ତ୍ରଗୁଡ଼ିକ ଉଦ୍ଭାବନ କରାଯାଇ ରୋଗୀ ଚିକିତ୍ସା କ୍ଷେତ୍ରରେ ବହୁ ଉନ୍ନତ ସ୍ତରକୁ ଯାଇପାରିଛି । ବିଜ୍ଞାନ ସହାୟତାରେ ମନୁଷ୍ୟ ନିର୍ମିତ ମହାକାଶଯାନ ଚନ୍ଦ୍ରମଣ୍ଡଳରେ ଅବତରଣ କରି, ଭୂପୃଷ୍ଠକୁ ଚନ୍ଦ୍ରମଣ୍ଡଳର ପ୍ରତିଛବି ନିର୍ଭୁଲ ଭାବରେ ପ୍ରେରଣ କରିଅଛି । ବିଜ୍ଞାନକୁ ଛାଡ଼ି ମନୁଷ୍ୟ ଜାତିର ନୂତନ ସଭ୍ୟତା କ୍ଷଣେ ହେଲେ ବଞ୍ଚିପାରିବ ନାହିଁ । ବିଜ୍ଞାନ ଆମ୍ଭମାନଙ୍କର ଅଶେଷ ଉପକାର କରିବା ସଙ୍ଗେ ସଙ୍ଗେ ମଧ୍ୟ କେତେକ ଅପକାର କରୁଅଛି । ବିଜ୍ଞାନ ଯୁଗରେ ମନୁଷ୍ୟ ଶାରୀରିକ ଶ୍ରମ ପ୍ରତି ବିତସ୍ପୃହ ହୋଇପଡ଼ିଅଛି । ଫଳରେ ତାହାର ଶାରୀରିକ ଶକ୍ତି ଦିନକୁ ଦିନ କ୍ଷୀଣ ହୋଇଯାଉଅଛି । ଯୁଦ୍ଧ କରିବା ପାଇଁ ମନୁଷ୍ୟ ଆଣବିକ ବୋମା ତିଆରି କରିଥିଲା । କିନ୍ତୁ ସେହି ଶକ୍ତିଶାଳୀ ମାରଣାସ୍ତ୍ରକୁ ଅପବ୍ୟବହାର କରାଗଲେ ସମଗ୍ର ମନୁଷ୍ୟ ଜାତି ଭୂପୃଷ୍ଠରୁ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ । ହିଂସ୍ର ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବନ୍ଧୁକ ତିଆରି କରାଯାଇଥିଲା । କିନ୍ତୁ ସାମୟିକ କ୍ରୋଧରେ ବଶବର୍ତ୍ତି ହୋଇ ଆମେ ସେହି ଅସ୍ତ୍ରକୁ ନିଜର ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ପ୍ରତିବେଶୀ ମାନଙ୍କ ବିରୋଧରେ ବ୍ୟବହାର କରୁଅଛୁ । ଏକଥା ପୃଥିବୀର ବହୁ ଚିନ୍ତାଶୀଳ ବ୍ୟକ୍ତି ଏବେ ସ୍ୱୀକାର କଲେଣି । ଏଥିପାଇଁ ସମଗ୍ର ବିଶ୍ୱ ଚିନ୍ତାକୁଳ ହୋଇପଡ଼ିଅଛି । ବିଜ୍ଞାନର ଅପକାରିତା ପାଇଁ ବିଜ୍ଞାନକୁ କୌଣସି ମତେ ଦୋଷ ଦେଇ ହେବନାହିଁ । ବିଜ୍ଞାନର କୁପ୍ରଭାବ, ବ୍ୟାପକ ନୈତିକ ଶିକ୍ଷା ଦ୍ୱାରା ଦୂର କରାଯାଇପାରିବ । ଆମ୍ଭେମାନେ ଭଲ ହେଲେ ବିଜ୍ଞାନକୁ ଉତ୍ତମ କାର୍ଯ୍ୟରେ ବ୍ୟବହାର କରିପାରିବା । ବିଜ୍ଞାନକୁ ମନ୍ଦ କାର୍ଯ୍ୟରେ ପ୍ରୟୋଗ କରି ଆମ୍ଭେମାନେ ନିଜ ପାଇଁ ବିପଦକୁ ଡାକି ଆଣୁଛେ । ମନୁଷ୍ୟ ନିଜ ମଧ୍ୟରେ ଥିବା ଷଡ଼ରିପୁକୁ ଦମନ କରିପାରିଲେ ସେ ଜନକଲ୍ୟାଣ କାର୍ଯ୍ୟ ଗୁଡ଼ିକରେ ବିଜ୍ଞାନ ଶକ୍ତିର ପ୍ରୟୋଗ କରିପାରିବ । ସେଥିପାଇଁ ବିଜ୍ଞାନକୁ ଦୋଷ ଦେବା ଛାଡ଼ି ନିଜକୁ ସୁଧୁରିବା ଆବଶ୍ୟକ । ବିଜ୍ଞାନର ଶିକ୍ଷାଗତ ଜ୍ଞାନକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗ ବିଜ୍ଞାନର କୁପ୍ରଭାବର ମୂଳୋତ୍ପାଟନ ପାଇଁ ସତତ ଜାଗ୍ରତ ହେବା ଆବଶ୍ୟକ । ଏହା ବିଜ୍ଞାନର ଯୁଗ । ବିଜ୍ଞାନକୁ ଯେତେବେଳେ ପରିତ୍ୟାଗ କରିବା ଅସମ୍ଭବ, ସେତେବେଳେ ବିଜ୍ଞାନର କୁଫଳରୁ ମାନବ ସମାଜକୁ ରକ୍ଷା କରିବା, ଏହା ହିଁ ଚିନ୍ତାର ବିଷୟ । ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବିଜ୍ଞାନର କୁଫଳ ବିଜ୍ଞାନରେ ନାହିଁ । ଏହା ମନୁଷ୍ୟକୃତ । ମନୁଷ୍ୟ ଯଦି କୁଭାବ ପୋଷଣ କରେ ତେବେ ମନୁଷ୍ୟ ହସ୍ତରେ ବିଜ୍ଞାନର ବ୍ୟବହାର କୁଫଳ ସୃଷ୍ଟି କରିବ । ତେଣୁ ପ୍ରତ୍ୟେକ ମନୁଷ୍ୟ କ୍ରୋଧ, ହିଂସା ପରିତ୍ୟାଗ କରି ଶାନ୍ତି ମୂଳକ ଉଦ୍ଦେଶ୍ୟରେ ବିଜ୍ଞାନକୁ ବ୍ୟବହାର କରିପାରିଲେ ପୃଥିବୀରୁ ଧ୍ୱଂସର ଭୟାବହତା କୁହୁଳ ସଦୃଶ କେଉଁଆଡ଼େ ଦୂରେଇଯିବ । ଏଣୁ ଆମ୍ଭେମାନେ ନିଜର ହୃଦୟକୁ ଉଦାର, ପବିତ୍ର ଓ ମହାନ ଭାବଧାରାରେ ଉଜ୍ଜିବୀତ କରି ମହତକାର୍ଯ୍ୟରେ ମନୋନିବେଶ କଲେ, ଦେଶ ଓ ଜାତିର ମଙ୍ଗଳ ସାଧିତ ହୋଇପାରିବ ।

ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୨୨୪୦୮୫

# ଶହୀଦ ବଗା ପୂଜାରି



ଡାଃ ସୁରେନ୍ଦ୍ର ନାଥ ଦାଶ

ଭାରତ ର ସ୍ୱାଧିନତା ସଂଗ୍ରାମରେ ନବରଙ୍ଗପୁର ଜିଲ୍ଲାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣଥିଲା । ସେତୁବନ୍ଧରେ ଗୁଣ୍ଡୁଚି ଧୂଳି ବି଼ଲା ପରି ,ବଣ ଜଙ୍ଗଲ ଭରା ଏହି ଜିଲ୍ଲାର ସରଳ.ଅଶିକ୍ଷିତ. ଦରିଦ୍ର ଆଦିବାସୀ ମାନେ ସାଧ୍ୟମତେ ଏହି ମହାନ ସଂଗ୍ରାମରେ ନିଜର ସ୍ୱାକ୍ଷର ଛାଡି ଯାଇଛନ୍ତି । ସେତେବେଳେ ନବରଙ୍ଗପୁର ଅବିଭକ୍ତ କୋରା଼ପୁଟ ଜିଲ୍ଲାର ଏକ ସବଡିଭିଜନ ବା ତାଲୁକ ଥିଲା । ଜୟପୁର ମହାରାଜା ଏହାର ଜମିଦାର ଥିଲେ । ଇଂରେଜ ସରକାର ଓ ରାଜାଙ୍କ ଦୈତ୍ୟଶାସନ (ସମସ୍ଥାନ ) ଜିଲ୍ଲାରେ ଚାଲୁଥିଲା ।୧୯୩୬ ମସିହାରେସ୍ୱତନ୍ତ୍ର ରାଜ୍ୟ ଓଡିଶା ଗଠନ ପରେ ଛଅ ଟି ଜିଲ୍ଲା ମଧ୍ୟରୁ କୋରାପୁଟ ଗୋଟିଏ ଜିଲ୍ଲା ହେଲା ଓ ଓଡିଶା କଂଗ୍ରେସ ର ଶାଖା ଏହି ଜିଲ୍ଲାକୁ ପ୍ରସାରିତହେଲା । ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ,ସଦାଶିବ ତ୍ରିପାଠୀ,ସଦାନନ୍ଦ ସାହୁ,ଲକ୍ଷ୍ମୀଚାନ୍ଦ ଦାସ, ଜଗନ୍ନାଥ ତ୍ରିପାଠୀଙ୍କ ଭଳି କିଛି ଯୁବକ ଜିଲ୍ଲାରେ କଂଗ୍ରସେ ଦଳର ଶାଖା ମାନ ସ୍ଥାପନା କରି ଗାନ୍ଧି ବାଣି ପ୍ରଚାର ଉଦ୍ୟମ କଲେ । ଅନେକ ଆଦିବାସୀ ଦଳର ଚାରିଅଣିଆ ସଭ୍ୟ ହେଲେ । ଖଦଡ ପିନ୍ଧିଲେ । ଚରକାର ଘର୍ଘର ନାଦ ବଣ ଉହାଡରୁ ଶୁଭିଲା । ମୁଣ୍ଡରେ ଗାନ୍ଧି ଟୋପି ଦେଲେ, ଯାହା ଏପର୍ଯ୍ୟନ୍ତ ମଧ୍ୟ କିଛି ଲୋକେ ପିନ୍ଧୁଚନ୍ତି ।୧୯୩୭ ମସିହାରେ ନିର୍ବାଚନ ହୋଇ ରାଜ୍ୟରେ କଂଗ୍ରେସ ସରକାର ହେଲା ଓ କଂଗ୍ରେସ ବାର୍ତ୍ତା ପ୍ରସାରିତ ହେଲା । କର୍ମୀ ମାନେ ନିଜକୁ ଗାନ୍ଧି ଗୁମାସ୍ତା କହି ଗର୍ବ ଅନୁଭବ କଲେ । ଗାଁ ଗାଁରେ ଗାନ୍ଧି ଘର ତିଆରି ହୋଇ ସକାଳୁ ରାମଧୂନ ଶୁଣାଗଲା । ଗାନ୍ଧି ଯେ ଭଗବାନଙ୍କ ଅବତାର, ଦେଶ ର ମୁକ୍ତିପାଇଁ ଧରାଅବତରଣ କରିଛନ୍ତି ତାହା ସମସ୍ତେ ବିଶ୍ୱାସ କଲେ ।୧୯୪୨ ମସିହାରେ ଗାନ୍ଧି ବମ୍ବେଠାରୁ ଭାରତଛାଡ ଆନ୍ଦୋଳନ ର ଡାକରା ଦେଲେ । ତାଙ୍କ ସହ ସାକ୍ଷାତ ପାଇଁ କୋରାପୁଟର କେତେକ ବିଶିଷ୍ଟ ନେତା ବମ୍ବେଯାଇଥିଲେ । ଦଳର ବାର୍ତ୍ତାଧରି ଫେରିଲା ବେଳେ ଅନେକଙ୍କୁ ବିଜୟନଗର ରେଳ ଷ୍ଟେସନରୁ ପୋଲିସ ଗିର଼ କଲେ ମଧ୍ୟ ସେମାନେ ଗୁପ୍ତରେ ସବୁ ନିର୍ଦ୍ଦେଶ ଜିଲ୍ଲାକୁ ପଠେଇଦେଲେ । କରବା ମାର,ଆମର ଡଙ୍ଗାରେ ଆମେ ନାଉରୀ,ଆମେ ଚଳାଇବୁ ଦେଶ ଆମରି,ଇଂରେଜ ମାନେ ଦେଶ ଛାଡ ଆଦି ସ୍ଲୋଗାନ ସବୁଆଡୁ ପ୍ରତିଧ୍ୱନିତ ହେଲା । ସବଡିଭିଜନ ନବରଙ୍ଗପୁର ଠାରୁ ଅନେକ ବଣ ପାହାଡ ଡେଇଁଲେ ପଡେ ୪୦ ମାଇଲ ଦୂରରେ ଉମରକୋଟ ମୁଠା । ନଈ ମାନଙ୍କରେ ପୋଲ ନଥିଲା । ତଥାପି ସେହି ଅଗମ୍ୟ ମୂଲକରେ ମଧ୍ୟ ଗାନ୍ଧିବାଣି ପ୍ରତିଧ୍ୱନିତ ହେଲା । ଡାବୁଗାଁର ଅଙ୍ଗି ନଦୀ କୂଳରେ ଗରୁଡଗୁଡାଠାରେ ଏକ କଂଗ୍ରେସ ଆଶ୍ରମ ପ୍ରତିଷ୍ଠା ହେଲା ଯାହା ପରେ କନ୍ୟାଶ୍ରମରେ ପରିଣତ ହୋଇଚି । ବଡଭରାଣ୍ଡି ଗ୍ରାମ ଠାରେ ଠକରବାପା ଆଶ୍ରମ ପ୍ରତିଷ୍ଠା ହୋଇ ଗାନ୍ଧି ବାଣି ପ୍ରଚାରିତ ହେଲା । ନିଜର ଚାନ୍ଦାରେ ନବରଙ୍ଗପୁର କଂଗ୍ରେସ ଦଳ ଏକ ଜିପ କିଣିବାରେ ସକ୍ଷମ ହୋଇଥିଲା । ଗାନ୍ଧି ଙ୍କ ଭାରତଛାଡ ଆନ୍ଦୋଳନ କୁ ସଫଳ କରିବା ପାଇଁ କର୍ମୀ ମାନେ ଲାଗିପଡିଲେ । ଥାନା ମାନ ଉପରେ ଇଂରେଜ ମାନଙ୍କ ପତକା ବଦଳରେ ତ୍ରୀରଙ୍ଗା ପତକା ଉଡାଇବାକୁ ସ୍ଥିର ହେଲା । ମହାତ୍ମାଗାନ୍ଧି କି ଜୟ, ଭାରତ ମାତାକି ଜୟ,ବନ୍ଦେ ମାତରମ,ଜୟ ହିନ୍ଦ ଧ୍ୱନି ସବୁଆଡୁ ଶୁଭିଲା ।ଏହାକୁ ଦମନ କରିବାକୁ ଇରେଜ ସରକାର ମଧ୍ୟ ପ୍ରସ୍ତୁତ ହେଲେ । ପ୍ରତି ଥାନା ଆଗରେ ବାଡ ଦିଆହୋଇ ବନ୍ଧୁକ ଧାରୀ ପୋଲିସ ମୁତୟନ ହେଲେ ।୧୯୪୨ ଅଗଷ୍ଟ ୨୩ ତାରେଖି ଦିନ ମାଲାକାନାଗିରି ତାଲୁକର ମାଥିଲି ଗ୍ରାମରେ ଥାନା ଘେରାଉ ହୋଇ ଥାନା ଉପରେ ତ୍ରୀରଙ୍ଗା ଉଡିଲା ଓ ପୋଲିସ ଗୁଳିରେ ଲିଙ୍ଗା ଭୂମିଆ ସମେତ ଛଅ ଜଣ ଆଦିବାସୀ ଶହୀଦ ହେଲେ । ଏହି ମାମଲାରେ ଲକ୍ଷ୍ମଣ ନାୟକ ଙ୍କୁ ଗିରଫ କରାଯାଇ ବିଚାରଣା ପରେ ବ୍ରହ୍ମପୁର ଜେଲରେ ଫାଶି ଦିଆଗଲା । (୨୯ ମାର୍ଚ୍ଚ ୧୯୪୩) ।ଅଗଷ୍ଟ ୨୪,୧୯୪୨ ତାରିଖ ଦିନ ଉଭୟ ନବରଙ୍ଗପୁର ଓ ଉମରକୋଟରୁ ଶୋଭାଯାତ୍ରା ଆସି ଡାବୁଗାଁ ଠାରେ ସୋନୁମାଝି ନେତୃତ୍ୱରେ ମିଳିତ ହବା ପାଇଁସ୍ଥିର ହେଲା । ନବରଙ୍ଗପୁର ତାରାଗାଁ ଛକ ରୁ ଏକ ବିଶାଳ ଶୋଭାଯାତ୍ରା ପାପଡାହାଣ୍ଡି ଅଭିମୁଖେ ଯାତ୍ରା କଲେ । ଥାନା ପାଖରେ ଟୁରି ନଦୀ । ଅଗଷ୍ଟ ମାରେ ଭରା ନଈ ପ୍ରଖର ସୁଅ ରେ ପାଣି ବହି ଚାଲିଥାଏ । ସେଥିରେ ଥିଲା କାଠ ପୋଲ ଟିଏ । ପୋଲ କୁ ଜଗିଥିଲେ ମିଲିଟାରୀ ପୋଲିସ ଲୋକଙ୍କୁ ବାଧା ଦବା ପାଇଁ । ମାତ୍ର ଦେଶ ଭକ୍ତିରେ ଉତଫୁଲିତ ଜନସମୁଦ୍ର ଆଗକୁ ମାଡି ଚାଲିଲେ । ପୋଲିସକୁ ଠେଲି ମାଡି ଚାଲିଲେ । ଆରମ୍ଭ ହେଲା ନିର୍ମମ ଗୁଳିକାଣ୍ଡ । ଝଡି ପଡିଲେ ୧୯ ଜଣ ନିରୀହ ଆଦିବାସୀ । ନଦୀର ଜଳ ଲାଲ ହୋଇଗଲା ସେମାନ ଙ୍କ ରକ୍ତରେ । ସେହିସ୍ମୃତିରେ ଆଜି ଠିଆ ହୋଇଛି ବିଶାଳ ସହୀଦ ମିନାର,ଉଡୁଚି ବିଶାଳ ତ୍ରୀରଙ୍ଗା । ଉମରକୋଟରେ ମଧ୍ୟ ହଜାର ହଜାର ଲୋକଙ୍କ ମେଳି । ବଡ ଭରାଣ୍ଡିର ଗାଁ ଗଉଁନ୍ତିଆ ପୂଜାରୀ ବଗାଙ୍କ ଡାକରାରେ ସମସ୍ତେ ଏକାଠି ହୋଇଚନ୍ତି । ସମସ୍ତ ଙ୍କ ଖାଇବା ପାଇଁ ଖନ୍ଦା ଲାଗିଛି । ତାଳ ପତ୍ରରେ ଛାମୁଡିଆ କରା ହୋଇଚି । ଗାଁ ଗାଁରେ ଗାଣ୍ଡା ମାନେ ଡେଙ୍ଗୁରା ଦେଇ ଲୋକ ଙ୍କୁ ବାଡିନି ଦେଇଛନ୍ତି । ଜାତୀୟ ସଙ୍ଗିତ ବୋଲା ହଉଚି । ତ୍ରିରଙ୍ଗା ଉଡୁଚି । ମହାତ୍ମା ଗାନ୍ଧି ଙ୍କ ଜୟ ଧ୍ୱନି ଶୁଭୁଚି । ଖାଇ ସାରିଲା ପରେ ଯିବେ ଥାନା ଘେରାଉ କରିବାକୁ । ଅନ୍ୟଦିଗରୁ ଭାମିନି ଆଡୁ ରବିସିଂ ମାଝି ଙ୍କ ନେତୃତ୍ୱରେ ଆଉ ଗୋଟିଏ ଦଳ ଉମରକୋଟ ଆସୁଛନ୍ତି । ଉମରକୋଟରେ ସମେସ୍ତ ଏକାଠି ହେଲେ । ଥାନାକୁ ଘେରାଉ କଲେ । ।ସରକାରୀ ପୋଲିସ ଆଗରୁ ପ୍ରସ୍ତୁତ ଥିଲେ । ଲୋକଙ୍କୁ ଘଉଡାଇବା ପାଇଁ ଲାଠି ମାଡ ଆରମ୍ଭ କଲେ । ତା ଆଗରୁ ଶୋଭାଯାତ୍ରାକୁ ବେଆଇନ ଘୋଷଣା କରାଗଲା । ଲାଠି ମାଡ,ଲୁହାବୁହା ଗ୍ୟାସ ଖାଇ କିଏ କୁଆଡେ ପଳାଇଲେ । ତା ସହ ବର୍ଷା ପିଟିଲା । ଥଣ୍ଡା ରେ ଓଦା ହୋଇ କିଏ କେଉଁଠି ଆଶ୍ରୟ ନେଲେ ଠିକଣା ନାଇଁ । ଅନ୍ଧାର ହେଲା । ସରକାର କିନ୍ତୁ ନିଶ୍ଚିନ୍ତ ନଥିଲା । ନେତା ମାନଙ୍କୁ ଧରିବାକୁ ପଡିବ, ଭବିଷ୍ୟତ ରେ କିଛି ଅଘଟଣ ନହେବା ପାଇଁ । ବର୍ଷା ଅନ୍ଧାର ରେ କିଛି ସାଥିଙ୍କ ସହ ମାଣ୍ଡିଆ ପେଜ ଖାଇ ଚାଳ ଘରେ ନିଆଁ ପାଖରେ ବସିଥିଲେ ବଗା ପୁଜାରି, ଆଗାମି ଦିନର ସଂଗ୍ରାମ କଥା ଭାବି । ହଟାତ ବାହାରେ କୁକୁର ଗୁଡା ଭୁକି ଉଠିଲେ । ପୋଲିସ ର ହୁଇସଲ ଶବ୍ଦ । ବୁଟ ଯୋତା ର ଓଜନିଆ ମଚମଚ ଶବ୍ଦ । କବାଟରେ ଧଡଦଡ ଶବ୍ଦ । କବାଟ ଖୋଲିବାରୁ ପଶି ଆସିଲେ ଅନେକ ପୋଲିସ, କିଛି ବୁଝିବା ଆଗରୁ ବଗାଙ୍କୁ ଧରି ଅନ୍ଧାର ରେ ହଜି ଗଲେ ସେମାନେ । ୨୫ ତାରିଖ ସକାଳ ଆସିଲା ବେଳକୁ ସାରା କୋରାପୁଟ ଗୁମୁରି ଗୁମୁରି କାନ୍ଦୁଥିଲା । ତାର ସଂଗ୍ରାମୀ ପୁଅ ମାନେ ଜେଲର କାଳ କୋଠରୀରେ ଥିଲେ । ନବରଙ୍ଗପୁରର ପୁରାତନ ଜେଲ ଯାହାର ଭଗ୍ନାବଶେଷ ଟ୍ରେଜେରୀ ଅଫିସ ପଛରେ ଏବେ ମଧ୍ୟ ରହିଚି । ସେଠାରେ ବନ୍ଦୀ ମାନଙ୍କୁ ରଖାଗଲା । ସବଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ସେମାନଙ୍କ ବିରୁଦ୍ଧରେ ଦେଶଦ୍ରୋହ ଅପରାଧର ବିଚାର ହୋଇ ବଗାଙ୍କୁ ଛଅ ମାସ ଜେଲ ଦଣ୍ଡ ଦିଆହୋଇ କୋରାପୁଟ ଜେଲ ମକୁ ପଠାଇ ଦିଆଗଲା ।କୋରାପୁଟ ଜେଲରେ ଶହଶହ ବିପ୍ଳବୀଙ୍କୁ ରଖାଯାଇଥିଲା । ଯେତିକି ରହିବା ତାଠାରୁ ବହୁଗୁଣର ବନ୍ଦୀ ସେଠାରେ ଥିଲେ । ପ୍ରବଳ ଥଣ୍ଡା ସାଙ୍ଗକୁ ଅହରହ ବର୍ଷା । ମାଟି କାନ୍ଥ ରୁ ପାଣି ଝରେ । ବରଫ ଭଳି ହେମାଳରେ ତଳେ ଶୁଅନ୍ତି ବନ୍ଦୀ, ଗୋଟାଏ ପତଳା କମ୍ବଳ ଘୋଡାଇ ହୋଇ । ପାଇଖାନା ନଥାଏ । ବନ୍ଦୀ ମାନେ ମାଟି ହାଣ୍ଡିରେ ମଳମୂତ୍ର ତ୍ୟାଗକରି ମୁଣ୍ଡରେ ବୋହି ସକାଳେ ବାହାରେ ଫିଙ୍ଗନ୍ତି । ଲୁହା ହାଣ୍ଡିରେ ଭାତ ରନ୍ଧା ହୁଏ । ସାଙ୍ଗକୁ ଡାଲି ପାଣି ଟିକେ । ସେହି ଅସ୍ୱାସ୍ଥ୍ୟ କର ପରିବେଶରେ ସାଙ୍ଗକୁ ମଶାଙ୍କ ଉପଦ୍ରବ । ଅନେକ ବନ୍ଦୀ ମାଲେରିଆ ରୋଗ ରେ ମରୁଥିଲେ । ବଗା ଅସୁସ୍ଥ ହୋଇପଡିଲେ ସେଠାରେ ।ଚିକିତ୍ସା କି ଖବର ଦବାର ସୁବିଧା ନାହିଁ ।୧୯୪୩ ମସିହା ଜାନୁଆରୀ ୧୧ ତାରିଖ ଦିନ ଜେଲ ପରିସରରେ ତାଙ୍କର ଅକାଳର ମୃତ୍ୟୁ ଘଟିଲା । ତାଙ୍କର ଶରୀରକୁ ସେହି ଜେଲ ପରିସରରେ ପୋତି ଦିଆଗଲା । ପରିବାର ଲୋକଙ୍କୁ ଖବର ଦିଆଗଲାନି । କିଛି ଦିନ ପରେ ପୋଲିସ ହାତରେ ତାଙ୍କର ଲୁଗା ପଟା ଓ ଖବର ଆସି ବଡ ଭରାଣ୍ଡି ଘରେ ପହଂଚିଲା । ଉମରକୋଟ ଇଲାକାର ସେ ହେଉଚନ୍ତି ଏକମାତ୍ର ଶହୀଦ,ସ୍ୱାଧିନତା ସଂଗ୍ରାମରେ ଜୀବନ ଦେଇଛନ୍ତି । ପରେ ତାଙ୍କୁ ଶହୀଦର ମାନ୍ୟତା ଦିଆହୋଇଚି ଓ ତାଙ୍କର ନାତୁଣୀ ପୂର୍ବତନ ମନ୍ତ୍ରୀ ପରମା ପୁଜାରୀଙ୍କ ଉଦ୍ୟମରେ ଜନ୍ମ ସ୍ଥାନ ବଡଭରଣ୍ଡି ଗ୍ରାମରେ, ଜାତୀୟ ରାଜପଥ କାଡରେ ଏକ ଶହୀଦ ସ୍ତମ୍ଭ ପ୍ରତିଷ୍ଠା ହୋଇ ପ୍ରତିବର୍ଷ ଜାନୁଆରୀ ୧୧ ଦିନ ରାଜ୍ୟ ସ୍ତରୀୟ ଶ୍ରାଦ୍ଧ ସଭା ଅନୁଷ୍ଠିତ ହୋଇଆସୁଛି । ସ୍ଥାନୀୟ ଆଦିବାସୀଙ୍କ କଲ୍ୟାଣ ପାଇଁ ବଗା ପୁଜାରୀ ସେବା କେନ୍ଦ୍ର ମଧ୍ୟ କାମ କରୁଛି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ: ୯୪୩୭୨୩୫୩୮୬

# ଜାତି କର୍ଣ୍ଣଧାର ଦ୍ରୌପଦୀ ମୁର୍ମୁ



ପଣ୍ଡିତ ବିଜୟ କୁମାର ଛାଟୋଇ

ସମ୍ଭବତଃ ଦୁଇହଜାର ଷୋହଳ କିମ୍ବା ସତର ମସିହାର ଘଟଣାଟିଏ । ସେହି ସମୟରେ ଝାଡ଼ଖଣ୍ଡର ଭାଜାପା ସରକାରରେ ରଘୁବର ଦାଶ ମୁଖ୍ୟମନ୍ତ୍ରୀ ଥାଆନ୍ତି । ରାଜ୍ୟରେ ସିଏନଟି ଆକ୍ଟ ଏବଂ ଏସପିଟି ଆକ୍ଟରେ କିଛି ସଂଶୋଧନ ଆଣିଥିଲେ ମୁଖ୍ୟମନ୍ତ୍ରୀ ମହୋଦୟ । କିନ୍ତୁ ଏହି ଆଇନ କିଛି ଆଦିବାସୀ ଲୋକଙ୍କର ଜମି ସଂପର୍କିତ ସୁରକ୍ଷାରେ ଯଡ଼ିତ ଥିଲା । ହେଲେ ସରକାର ଏଥିରେ ସଂଶୋଧନ କରିବା ସହିତ ବିଧାନସଭାରେ ପାରିତ କରାଇଲେ । ଯେତେବେଳେ ଏହି ଆଇନ ରାଜ୍ୟପାଳ ଥିବା ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ପହଞ୍ଚିଲା ସେତେବେଳେ ସେ ଏଥିରେ ଦସ୍ତଖତ କରିବାକୁ ସିଧା ସଳଖ ମନାକରିଦେଲେ । ଆଦିବାସୀଙ୍କ ହିତରେ ଏହି ଆଇନ ନ ଥିବାରୁ ଏହାକୁ ସେ ଫେରାଇ ଦେଇଥିଲେ ।ଏହି ଘଟଣାଟି ଚ଼ାରିଆଡ଼ ପ୍ରଘଟ ହୋଇଯିବାରୁ, ସେହି ସମୟରୁ ମାନନୀୟା ଶ୍ରୀମତୀ ମୁର୍ମୁଙ୍କ ନାମ ଏ ଲେଖକ ଶୁଣିଥାଏ । ସେ ଭୁବନେଶ୍ୱରର ଜନତା ମଇଦାନଠାରେ 'ପୁସ୍ତକ ମେଳା ମହୋତ୍ସବ 'ଅନୁଷ୍ଠିତ ହେଉଥିବା ସ୍ଥାନକୁ ଆସିବେ ବୋଲି ଜାଣି ମୁଁ ଖୁସିହେଉଥିଲି । ସେହି ପୁସ୍ତକମେଳାର ସାଂସ୍କୃତିକ ମଞ୍ଚରେ 'ଓଡ଼ିଶା ଲେଖିକା ସଂସଦ' ତରଫରୁ ସାନ୍ଧ୍ୟ ସାହିତ୍ୟ ଅଧିବେଶନକୁ ମୋତେ ନିମନ୍ତ୍ରଣ ପତ୍ର ପଠାଇଥାନ୍ତି ଜଣେ ନାରୀ ସୁଲଭ କବୀ ବିମଳା ସିଂହ । ଏତେ ଦୂରରୁ ଖବର ପାଇ ଭାରି ଖୁସି ହେଲି ଏବଂ ଅହୋ ଖୁସିରେ ମଧ୍ୟ ସେହି ସାହିତ୍ୟ ସନ୍ଧ୍ୟାରେ ଉପସ୍ଥିତ ରହିଲି । ସେଠାରେ ଆହୁରି ଅନେକ ମାନ୍ୟଗଣ୍ୟ ସାହିତ୍ୟିକମାନେ ଯୋଗ ଦେଇଥାନ୍ତି । ମୁଁ କବିତାଟିକୁ କେତେବେଳ ଠୁ ଦେଇଥାଏ । କେବଳ ପାଠ କରିବାପାଇଁ ଅପେକ୍ଷାରତ ଥିଲି । ଅବଶ୍ୟ ମଞ୍ଚରେ ଟିକିଏ ଏପଟସେପଟ କାମ ହୋଇଗଲା ତଥାପି ସଭାର ନିରବତା ମୋ ମସ୍ତିଷ୍କକୁ ବିଚ଼ଳିତ କରିପାରୁ ନ ଥାଏ । ଆମ ସମାଜରେ ଗୋଟିଏ ଦୋଷ ଅଛି ' ମଞ୍ଚରେ ସମୟ ଜ୍ଞାନ ଭୁଲି ଗୁଡାଏ ବଖାଣିହେବେ ଓ ନିୟମକୁ ବେଖାତିର କରିବେ କିମ୍ବା କଥା ନ ମାନି ନିଜ ସଂପର୍କୀୟଙ୍କୁ କହିପୋଷି ପଛ କବିତାଟିକୁ ଆଗୁଆ ପଢି , ଫଟୋଉଠାଇବା କାମସାରି ସଭାସ୍ଥଳରୁ କିପରି ଖସି ଚ଼ାଲିଯିବେ ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେବେ ।' ମୋ ଦ୍ୱାରା ଯଦି ଏପରି ହୋଇଥାଆନ୍ତା ତେବେ ମୁଁ ମଧ ପୁରୀରେ ଯଥା ସମୟ(ରାତ୍ରି ୦୨ ଟା ବଦଳରେ ରାତି ୮.୩୦) ରେ ପହଞ୍ଚି ପାରିଥାଆନ୍ତି । ଇତି ମଧ୍ୟରେ ଘନଘନ ପ୍ରଚ଼ାର ହେଉଥାଏ ଝାଡଖଣ୍ଡର ମହାମହିମ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ମଞ୍ଚକୁ ଅଳ୍ପ ସମୟରେ ପଦାର୍ପଣ କରୁଛନ୍ତି । ମୋ ମନରେ ଥିବା ଅବଶୋଚ଼ନା କେଉଁ ଆଡ଼େ ମଉଳି ଗଲା । ମନେମନେ ମୁଁ ଭାବୁଥିଲି ଏତେ ତ ବିଳମ୍ବ ହେଲେଣି ମ୍ୟାଡାମଙ୍କ ଉପସ୍ଥିତରେ କବିତାଟିକୁ ପଢ଼ିଦେଇ ଯିବି । ଶେଷରେ ମହାମହିମ ରାଜ୍ୟପାଳ ଆସିବା ହେଲେ । ସେ ମଞ୍ଚରେ ପ୍ରାୟ ଅଧଘଣ୍ଟାକାଳ ଉପବେଶନ କଲେ । ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଭଲପାଉଥିବା ଶ୍ରୀମତୀ ମୁର୍ମୁ ଙ୍କ ଭାଷଣ ଯେ ଏତେ କୋମଳ ଓ ସୁଲଭ ଥିଲା ତାହା ଶୁଣି ସେଦିନ ଚ଼କିତ ହୋଇପଡ଼ିଥିଲି । ନାରୀ କବୀ ମାନଙ୍କ ଗହଣରେ ଦୀର୍ଘ ସମୟ ବସିରହିଥିଲେ ବି ତାଙ୍କର କବିତା ପାଠରେ ବିଶେଷ ଧ୍ୟାନ ଥିଲା । ଦୂରଦୂରାନ୍ତ କବି ଓ କବୟିତ୍ରୀ ମାନଙ୍କ ପାଇଁ ପଦୁଟିଏ କହିଥିଲେ – ' ହେ ସାରସ୍ୱତ ସାଧକ ଗଣ ! ଆପଣମାନେ ସମାଜର ଶୁଭଚ଼ିନ୍ତକ ଓ ରକ୍ଷକ ଅଟନ୍ତି । ଆପଣମାନେ ବହୁମୂଲ୍ୟ ସମୟ ଜାତିକୁ ମାଟିକୁ ଉତ୍ସର୍ଗୀକୃତ କରି ଆମଭଳି ପତିତ ମାନଙ୍କୁ ଉଦ୍ଧାର କରୁଛନ୍ତି । ' ଏହି କେଇପଦ କଥା ମୋ ଜୀବନକୁ ବଦଳେଇ ଦେଲା । ଏହାର ପୂର୍ବ କଥାଟି ଅତି ବିସ୍ମୟକର ! ସେହି ମହୀୟସୀ ଜଣକ କେତେବେଳେ ଆସି ମଞ୍ଚରେ ବସିଲେ ତାହା ବି ଜାଣି ହେଲା ନାହିଁ । ମୁଁ ଶୁଣିଛି ଯେତେବେଳେ ରାଷ୍ଟ୍ର ମୁଖ୍ୟ କିମ୍ବା ଶାସନ କର୍ତ୍ତା ଯେଉଁଠିକୁ ଗସ୍ତ କରନ୍ତି, ଏହା ପୂର୍ବରୁ ଉଚ୍ଚପଦାଧିକାରୀମାନେ ସେହି ସ୍ଥାନକୁ ପରଖି ନିଅନ୍ତି ଏବଂ ସୁରକ୍ଷା ବଳୟକୁ ଦୃଢ଼ିକରଣ କରିଥାଆନ୍ତି । କିନ୍ତୁ ଏହି ସାହିତ୍ୟ ସଭାରେ ସେପରି କୌଣସି ବିଧି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ମୋର ଦୃଷ୍ଟିଗୋଚ଼ର ହୁଏ । ଜଣେ ଜଣାଶୁଣା ବ୍ୟକ୍ତି ବିଶେଷ ଯେ କୌଣସି ସ୍ଥାନକୁ ଯଦି ଆଗମନ କରନ୍ତି ତେବେ ସେହିଭଳି ବ୍ୟକ୍ତି ବିଶେଷଙ୍କ ପାଇଁ ଯାହା ସବୁ ପ୍ରୋଟୋକଲ୍ ଥାଏ ତାହାର ବ୍ୟବହାର କରାଯାଏ । କିନ୍ତୁ ମ୍ୟାଡ଼ାମଙ୍କ ପ୍ରତି ସୁରକ୍ଷା ସେତେ ଆଖିଦୃଶିଆ ନ ଥିଲା । ସେଦିନ ଅତିଥିମାନେ ମ୍ୟାଡାମଙ୍କ ସଂପର୍କରେ ଯେଉଁ ବକ୍ତବ୍ୟ ପ୍ରଦାନ କଲେ ସେଥିରେ ମୋର ଆଖି ଖୋସି ହୋଇଯାଇଥିଲା । ସେ ୧୯୯୪ ମସିହାରୁ ୧୯୯୭ ମସିହା ପର୍ଯ୍ୟନ୍ତ ରାଇରଙ୍ଗପୁର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଅବୈତନିକ ଶିକ୍ଷୟିତ୍ରୀ ଭାବରେ ଶହଶହ ଛାତ୍ର ଛାତ୍ରୀଙ୍କର ପ୍ରିୟଭାଜନ ହୋଇପାରିଥିଲେ । କିନ୍ତୁ ଭଗବାନ ସେହି ଦରଦୀ ମଣିଷ ପାଇଁ ବାମ ହୋଇଯାଆନ୍ତି କାହିଁକି ? ହଠାତ୍ ତାଙ୍କ ଭାଗ୍ୟାକାଶରେ କଳା ବାଦଲ ଢାଙ୍କି ହୋଇଗଲା । ଅକାଳରେ କାଳବୈଶାଖୀ ତାର ରୁଦ୍ରତାଣ୍ଡବ କରି ବୋଲିଦେଲା କାଳିମାୟ ବିଷାଦ ଓ ବିଭୀଷିକା । ସମାନ୍ତରାଳ ଭାବରେ ବଡ଼ପୁଅ ଲକ୍ଷ୍ମଣଙ୍କର ଦୁଇହଜାର ଦଶ ମସିହାରେ ଅକସ୍ମାତ ମୃତ୍ୟୁ ସାଙ୍ଗକୁ ସାନ ପୁଅ ବିରଞ୍ଚିର ଦୁଇହଜାର ତେରରେ ଅକସ୍ମାତ ମୃତ୍ୟୁ ଏବଂ ଶେଷରେ ସ୍ୱାମୀ ଶ୍ୟାମ ଚ଼ରଣ ମୁର୍ମୁଙ୍କର ଦୁଇହଜାର ଚ଼ଉଦ ମସିହାରେ ଦେହାନ୍ତ ଘଟଣା ଶ୍ରୀମତି ମୁର୍ମୁଙ୍କ ଭାଗ୍ୟରେ ବାସ୍ତବ ସତ୍ୟର ସନ୍ଧାନ ଉନ୍ମେଷ ଘଟାଇଲା । ତାଙ୍କ ମତରେ – ' ଦିନେନା ଦିନେ ମରଜଗତରୁ ଶରୀରକୁ ପରିତ୍ୟାଗ କରି ଅମରଜଗତକୁ ଫେରିବାକୁ ହେବ ।' ଶେଷରେ ସେ ଈଶ୍ୱରୀୟ ବ୍ରହ୍ମକୁମାରୀ ନାମକ ଏକ ଧାର୍ମିକ ଅନୁଷ୍ଠାନରେ ଯୋଡିହୋଇଗଲେ । ଆହୁରି ମଧ୍ୟ ସେ କହନ୍ତି – ' ସାରାଜଗତରେ ପରମ ପିତା ପରମାତ୍ମାଙ୍କର ଆମେ ସବୁ ଅଂଶ ବିଶେଷ । ଜଗତରେ ସେ ହିଁ ଏକ ମାତ୍ର ଆମେ ଭିନ୍ନ ଭିନ୍ନ ପ୍ରକାରେ ଅନୁଭବ କରୁ । ସେହି ପରମାତ୍ମା ସଭିଙ୍କ ଭିତରେ ଲୀଳାଖେଳା କରି ସକଳ ଜୀବଜନ୍ତୁଙ୍କୁ ପାଳନ ପୋଷଣ କରନ୍ତି ଏବଂ ଆମେ ସମସ୍ତେ ସେହି ପରମପିତାଙ୍କ ଠାରେ ଲୀନ ହେଇଯାଉ ।' ଏହା ଥିଲା ଶ୍ରୀମତୀ ମୁର୍ମୁଙ୍କର ମହା ଜାଗତିକ ପରମ ତତ୍ତ୍ୱର ମହାଭାବ । ଯାହା ତାଙ୍କୁ ନିଃସଙ୍ଗ ଜୀବନ ଯାପନରେ ଦିବ୍ୟ ପ୍ରେରଣା ଯୋଗାଇଲା । ଜଗତର ସକଳ ସତ୍ତାଙ୍କୁ ନିଜ ଭିତରେ ଥିବା ଆତ୍ମସତ୍ତାଙ୍କ ପରି ସଭିଙ୍କୁ ଶ୍ରଦ୍ଧା, ସ୍ନେହ ଓ ସମ୍ମାନ ଦେବାରେ ଅବହେଳା କରୁ ନ ଥିବା ମାନନୀୟା ଦ୍ରୌପଦୀଙ୍କ ଭାଗ୍ୟରେ ଅନେକ ପଦପଦବୀ ଆପେ ଲେଶି ହୋଇଗଲା । ଏହା କେବଳ ସେହି ପରମପିତାଙ୍କର କରୁଣାର ଫଳ । ୧୯୫୮ ମସିହା ଜୁନ ମାସ ୨୦ ତାରିଖରେ ବାପା ବିରଞ୍ଚି ନାରାୟଣ ଟୁଡୁ ଓ ମାତା ସିନଗୋ ଟୁଡୁ ଙ୍କ ଔରସରୁ ପ୍ରଥମ ଗର୍ଭରେ ତାଙ୍କର ଜନ୍ମ ହୁଏ । ସାନ୍ତାଳୀ ପ୍ରଥାନୁଯାୟୀ ଝିଅଟିଏ ପ୍ରଥମେ ଜନ୍ମହେଲେ ମାଆଙ୍କ ନାମ ମିଶାଇ ଶିଶୁକନ୍ୟାଟିର ନାମ ଦିଆଯାଇଥାଏ ପୁତିମୟୀ । କିନ୍ତୁ ଏପରି ନାଆରେ ଡାକିବାକୁ ଶିକ୍ଷକ ମାନଙ୍କୁ ଅସୁବିଧା ହେଉଥିଲା । ତେଣୁ ଶିକ୍ଷକମାନେ ଝିଅଟିର ନାଁ ଦୃପଦୀରୁ ଦ୍ରୌପଦୀ ରଖିଥିଲେ । ଜଣେ ବନବାସୀ ଆଦିବାସୀ ସାନ୍ତାଳୀ ସଂପ୍ରଦାୟର ଝିଅଟିଏ ଯେ ରାଷ୍ଟ୍ରର ନିର୍ମାତା ହେବ ଏ ସ୍ୱପ୍ନ ତାଙ୍କର ପିଲାବେଳର ଶିକ୍ଷକ ବାସୁ ସାର୍ (ବାସୁଦେବ ବେହେରା )ଭାବ ବିଭୋର ହୋଇ କହି ପକାନ୍ତି – ଉପରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୬୮ ମସିହାରୁ ୧୯୭୦ ମସିହା ଭିତରେ ଦ୍ରୌପଦୀର ଷଷ୍ଠ ଓ ସପ୍ତମ ଦୁଇଟି ଶ୍ରେଣୀ ଶେଷ ହୋଇଥିଲା । ଅଠଚ଼ାଳିଶ ପିଲାଙ୍କ ମଧ୍ୟରେ ସେ ପ୍ରଥମ ହେଉଥିଲା । ତାର ନମ୍ରତା, ସ୍ୱଳ୍ପ ଭାଷୀ, ସତ କହିବାକୁ ଡରି ନ ଯିବା, ସତ୍ୟାଗ୍ରହୀ ପିଲାଟିର ଗୁରୁଭକ୍ତିରେ ଆମେ ଶିକ୍ଷକମାନେ କିପରି ବା ତାଙ୍କୁ ମନରୁ ଦୂରେଇ ପାରନ୍ତୁ ? ଆମ ଆଖିରେ ସବୁ ଛାତ୍ର ଛାତ୍ରୀ ତ ସମାନ । କିନ୍ତୁ ଆମର ମନକୁ ଜିଣିଯାଉଥିବା ଦ୍ରୌପଦୀ ସମସ୍ତଙ୍କର ଆତ୍ମା ପରି ଚ଼ିରଦିନ ତିଷ୍ଠି ରହିଗଲା । ସେତେବେଳେର ନିୟମ ଅନୁଯାୟୀ ଯିଏ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବ ସିଏ ଶ୍ରେଣୀରେ ମନିଟର ହେବ । ସରଳ ସୁଲଭ ପିଲାଟି ଶ୍ରେଣୀରେ ମନିଟର ହେଲେ ତାର କଥା କେହି ମାନିବେ ନାହିଁ ବୋଲି ପୁଅଛାତ୍ରଙ୍କର ରୁଗ୍ଣ ମାନସିକତା ଥାଏ । କିନ୍ତୁ ସେପରି କିଛି ହୋଇ ନ ଥିଲା । ଦ୍ରୌପଦୀର ଜିଦ୍ ଆଗରେ ସଭିପିଲାଙ୍କର ପାଟି ବନ୍ଦ ହୋଇଯାଇଥିଲା । ଥରେ ସ୍କୁଲ ସଭାପତି (ଆନନ୍ଦ ଚ଼ନ୍ଦ୍ର ଗିରି )ବାବୁଙ୍କ ଝିଅ ଦ୍ରୌପଦୀଙ୍କ ଠାରୁ ଅଧିକ ନମ୍ବର ରଖି ନ ପାରି ମନଦୁଃଖ କରୁଥାଏ । ଦ୍ରୌପଦୀ ମଧ ସ୍କୁଲ୍ ସଂପାଦକ ଏବଂ ଗାଁ ସର୍ଦ୍ଦାର ବିରଞ୍ଚି ନାରାୟଣ ଟୁଡୁଙ୍କ ଝିଅ । ସେତେବେଳେ ମୟୂରଭଞ୍ଜ ରାଜା ପ୍ରତାପ ଚ଼ନ୍ଦ୍ର ଭଞ୍ଜ ବିରଞ୍ଚି ଟୁଡୁଙ୍କୁ ଉପରବେଡା ଗାଁର ସର୍ଦ୍ଦାର ଭାବରେ ନିଯୁକ୍ତି ଦେଇଥାନ୍ତି । ଅଭାବ କଷଣ ଭିତରେ ଦ୍ରୌପଦୀ ବଢୁଥାଏ । ବର୍ଷକରେ ଦୁଇଟି ଜାମା ପିନ୍ଧୁଥିଲା । ବେଳେବେଳେ ଶାଢି ମଧ ଘେରେଇ ପିନ୍ଧେ । ରାତିରେ ପାଠପଢ଼ିବାକୁ କାହାର ସହଯୋଗ ନ ଥିଲା । ବରଂ ତାଙ୍କର ବୁଢି ମାଆ ଦ୍ରୌପଦୀଙ୍କୁ ତାଗିଦ୍ କରୁଥିଲେ । ରାତି ପାଠପଢା ସେତିକି ହେଉ କିରୋସିନି ସରିଯିବ । କାଲି ଇସ୍କୁଲରେ ବାକି ପାଠ ପଢ଼ିଦେବୁ । ଥରେ ଦ୍ରୌପଦୀ ସ୍କୁଲରେ ମନିଟର ହେବ ବୋଲି ଜିଦ୍ ଧରି ଥାଏ । କାରଣଟି ହେଲା ସପ୍ତମ ଶ୍ରେଣୀର ମୋଟ ପିଲା ସଂଖ୍ୟା ୪୮ । ପୁଅଙ୍କ ସଂଖ୍ୟା ଚ଼ାଳିଶି ଓ ସେଥିରୁ ଝିଅଙ୍କ ସଂଖ୍ୟା ହେଉଛି ମାତ୍ର ଆଠ । ପୁରୁଷ କୈନ୍ଦ୍ରିକ ସମାଜରେ ମହିଳା ନ୍ୟୂନ ନ ହେଉ । ଜଣେ ମହିଳାର ମୌଳିକ ଅଧିକାର କ୍ଷୁର୍ଣ୍ଣ ନ ଯାଉ । ମନିଟର ହେବ ବୋଲି ଅକ୍ଲାନ୍ତ ଜିଦ ତାଙ୍କର । ଏପରି ଉଚ୍ଚାଭିଳାଷୀଣି ଦ୍ରୌପପଦୀ ସପ୍ତମ ଶ୍ରେଣୀରେ ମନିଟର ହେବାକୁ ସକ୍ଷମ ହେଲେ । ଏହା ସମଗ୍ର ନାରୀଜାତି ପାଇଁ ଏକ ପ୍ରମୁଖ ଆଲୋଡ଼ନ ସୃଷ୍ଟି କଲା । ବାସ୍ତବରେ ଝିଅମାନଙ୍କର ଏପରି ମନୋବଳ ଶୀର୍ଷ ସ୍ଥାନକୁ ନେଇ ପହାଞ୍ଚାଇ ଦିଏ । ଦିନେ ବିଦ୍ୟାଳୟରେ ଦୌଡ଼ ପ୍ରତିଯୋଗିତା ହୋଇଥାଏ । ଏହି ପ୍ରତିଯୋଗିତାରେ ଦ୍ରୌପଦୀ ସଭାପତିଙ୍କ ଝିଅଙ୍କୁ ଆଗକୁ ଛାଡିଦେଇ ଦୌଡ଼ରେ ନିଜେ ଦ୍ୱିତୀୟ ସ୍ଥାନ ଅଧିକାର କରିବା କଥାଟି କେଡ଼େବଡ଼ ମହନୀୟ ଘଟଣା ନୁହେଁ କି ! ଦ୍ରୌପଦୀ ସେଥିପ୍ରତି ଯେଉଁ ଖୁସି ହେଉଥିଲେ ତାହା ବୋଧହୁଏ ଅନ୍ୟ ପିଲାଙ୍କ ମନ ଭିତରେ ନୂତନ ସମ୍ଭାବନା ଆଣିଥିବ ବୋଲି ଆଶା କରାଯାଏ । ଏହି କଥାଟି ସଭିଙ୍କୁ ଚ଼କିତ କରିଦେଇଥିଲା । ଏପରି ଉଦାର ହୃଦୟଟିଏ ସମାଜରେ ସମ୍ଭବତଃ ହାତଗଣତି କେତୋଟି । ଘରେ ପାଠ ନ କରି ସ୍କୁଲକୁ ଆସିଥିଲେ ମଧ ସେ ଶିକ୍ଷକଙ୍କୁ ମିଛ କଥା କହୁ ନ ଥିଲେ । ସତ୍ୟତା ଓ ବଚ଼ନ ବଦ୍ଧତା ତାଙ୍କୁ ପ୍ରଗତିର ପଥକୁ ନେଇଗଲା ବୋଲି ବିଶ୍ୱାସ କରାଯାଇପାରେ । ୧୯୭୪ରେ ଦଶମ ଶ୍ରେଣୀ ପାସ୍ କରି ୧୯୭୫ ମସିହାରୁ ୧୯୭୯ ମଧ୍ୟରେ ରମାଦେବୀ ମହିଳା ମହାବିଦ୍ୟାଳୟରୁ ଗ୍ରାଜୁଏସନ ଶେଷ କରିବାରେ ରାଇରଙ୍ଗପୁରର ବିଧାୟକ ତଥା ତାଙ୍କର ସଂପର୍କୀୟ ବଡବାପା କାର୍ତ୍ତିକ ଚ଼ନ୍ଦ୍ର ମାଝିଙ୍କ ଅବଦାନକୁ କଦାପି ଭୁଲିବାର ନୁହେଁ । ନିର୍ଭୀକ ଦ୍ରୌପଦୀଙ୍କୁ ଆହୁରି ନିର୍ଭୀକ ଭାବରେ ଗଢିତୋଳିବାକୁ ଶ୍ରୀଯୁକ୍ତ ମାଝିଙ୍କ ମହନୀୟତା ସତରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାକୁ ଗୌରବାନ୍ୱିତ ଆଣିଦେଲା । ତେର ବର୍ଷିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅଟି ମନରେ କାହିଁ କେତେଯେ ସପନ । ସେ ମନରେ ସାହାସ ବାନ୍ଧି ଧାଇଁ ଆସିଛି ବିଧାୟକଙ୍କୁ ଭେଟିବ ବୋଲି । ଏବଂ ଭେଟିଲା ମଧ । ନର୍ଭିକ ମନରେ ନିଜ ମନରକଥାକୁ କହିଲା – ସାର୍ ମୁଁ ଭୁବନେଶ୍ୱରରେ ପଢ଼ିବି । ମୋ ପାଇଁ ବ୍ୟବସ୍ଥା କରିଦିଅନ୍ତୁ । ଝିଅଟିର ପାଠପଢା ପ୍ରତି ଆଗ୍ରହ ଦେଖି ବିଧାୟକ ମହୋଦୟ ଭୁବନେଶ୍ୱରର ୟୁନିଟ –୨ ବାଳିକା ଉଚ୍ଚବିଦ୍ୟାଳୟରେ ନାମ ଲେଖାଇଦେଲେ । ବାସ୍ ଝିଅଟି ଆଉ ତାର ଚ଼ଲା ପଥରୁ ନ ଅଟକି ଆଗକୁ ମାଡି ଚ଼ାଲିଛି ଯେ ମାଡ଼ି ଚ଼ାଲିଛି । ' ସେହି ମହୀୟସୀ ପ୍ରାଣା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପିଲାଟି ଦିନରୁ ଈଶ୍ୱର ବିଶ୍ୱାସୀ ଓ ପରୋପକାରୀ ଥିଲେ । ସେଥିପାଇଁ ତାଙ୍କୁ ଓଡିଶାର ବହୁ ଅନୁଷ୍ଠାନ ତାଙ୍କୁ ବିଭିନ୍ନ ପଦପଦବୀରେ ବସାଇ ଗୌରବାନ୍ୱିତ ହୁଅନ୍ତି । ତାଙ୍କର ରାଜନୀତିରେ ଇଚ୍ଛା ନ ଥିଲେ ବି ତାଙ୍କୁ ସମାଜର ସହୃଦର ବ୍ୟକ୍ତିମାନଙ୍କ ମଧ୍ୟରୁ ମୋରଡ଼ାର ବିଧାୟକ ରାଜକିଶୋର ଦାସ ରାଜନୀତିକୁ ଟାଣିନେଇଥିଲେ । ୧୯୯୭ ମସିହା ରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ରାଇରଙ୍ଗପୁରରୁ କାଉନସିଲ ଭାବେ ନିର୍ବାଚ଼ିତ ହୋଇଥିଲେ । ପରେ ବିଜେପି ଓ ବିଜେଡି ମେଣ୍ଟ ସରକାରରେ ଦୁଇ ଥର ବିଧାୟିକା, ଦୁଇଥର ମନ୍ତ୍ରୀ ପଦ ଗ୍ରହଣ କରି ଓଡିଶାର ବିକାଶ ପଥରେ ପଥିକ ହୋଇଥିଲେ । ଶେଷରେ ୨୦୧୫ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ୨୪ ଜିଲ୍ଲା ବିଶିଷ୍ଟ ଝାଡ଼ଖଣ୍ଡ ରାଜ୍ୟର ମହାମହିମ ରାଜ୍ୟପାଳ ରୂପେ ଅବସ୍ଥାପିତ ହୋଇ କୁଳାଧିପତି ଭାବରେ ପାଞ୍ଚଟି ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବ୍ୟବସ୍ଥାରେ ସୁଧାର ଆଣି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିଥିଲେ । ସେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚ଼ିତ ଗଳ୍ପ 'ରେବତୀ' କୁ ପଢ଼ି ମହିଳାମାନଙ୍କ ବିକାଶ ପଥରେ ଅଗ୍ରସର ହେବାକୁ ନିଜ ମନରେ ଖୋରାକ ଅଣାଇଥିଲେ । ତଥାପି ତାଙ୍କ ଭାଗ୍ୟରେ ବିପଦର କଳାବାଦଲ ଢାଙ୍କିଦିଏ । ଅସମୟରେ ପୁଅଝିଅ ସ୍ୱାମୀ ସମସ୍ତେ କାଳର କବଳିତ ହୋଇଗଲେ ( ସାନଝିଅ ଇତିଶ୍ରୀ ଜୀବିତ ଅଛନ୍ତି) । ମନରେ ତାଙ୍କର ସାଂସାରିକ ବିତୃଷ୍ଣା ଓ ବୈରାଗ୍ୟ ଜାତ ହୁଏ ! ଯାହା ଜୀବନରେ ତାଙ୍କର ବିରାଟ ମୋଡ଼ ଆଣିଦେଲା । ସେ ବୁଝିଗଲେ ମୁଁ ଯାହା ପାଇଁ ଆସିଛି ସେମାନଙ୍କ ସେବାରେ ନିଜକୁ ନିୟୋଜିତ କରିଦେଲେ ଜୀବନ ସାର୍ଥକ ହୋଇଯିବ । ତାହାହିଁ ହେଲା । ଦୁଇପୁଅ ଓ ସ୍ୱାମୀଙ୍କ ସ୍ମୃତିରେ ପାହାଡ଼ପୁରଠାରେ ୨୦୧୬ ମସିହାରେ ଶ୍ୟାମ ଲକ୍ଷ୍ମଣ ସିପୁନ୍ ସ୍ମାରକୀ ଆବାସିକ ବିଦ୍ୟାଳୟ ସ୍ଥାପନ କରି ଅନନ୍ତ ଯୁଗ ଯାଏଁ ଅସଂଖ୍ୟ ମେଧାବୀ ଛାତ୍ର ଛାତ୍ରୀ ଉଡିନ୍ନ ହୋଇ ଆହୁରି କେତେ ଯେ ଦ୍ରୌପଦୀ ମୁର୍ମୁ ନିର୍ମାଣ ହେବେ , ଯାହା କଳ୍ପନାତୀତ । ଧନ୍ୟା ସେହି ନାରୀ ଉନ୍ନତ ମସ୍ତିଷ୍କା ! ଯିଏ ଅଦ୍ୟାପି ଜାତି ଉଦ୍ଦେଶ୍ୟରେ ସମର୍ପିତ ରହି ବନିଗଲେ ଜାତି କର୍ଣ୍ଣଧାର !!!

ମୁଖ୍ୟ ସଂପାଦକ, ପ୍ରଚ଼ାରକ ଅନନ୍ତ ମିଶ୍ର
ସ୍ମୃତି ପରିଷଦ ଓଡ଼ିଶା,
ସତ୍ୟବାଦୀ, ପୁରୀ,
ପିନ୍ କୋଡ଼ – ୭୫୨୦୪୫
ଦୂରଭାଷ – ୮୫୯୯୮୩୮୫୯୭




# ରଣପୁର ବ୍ଲକ କଂଗ୍ରେସ ବନ୍ଧୁମିଳନ




ରଣପୁର,(ପି.ଏନ): ସ୍ଥାନୀୟ ମାର୍ଥାପଦର ସ୍ଥିତ ଶିମିଳି ଠାକୁରାଣୀ ମନ୍ଦିର ଠାରେ ରଣପୁର ବ୍ଲକ କଂଗ୍ରେସ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୩୯ ଗୋଟି ପଞ୍ଚାୟତରୁ ଦଳୀୟ କର୍ମୀ ଯୋଗ ଦେଇ ବୁଥ ସ୍ତରରୁ ଦଳର ନୂତନ ସଂଗଠନ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେବା ସହ ତୁରନ୍ତ ରଣପୁରରେ ଦଳୀୟ କାର୍ଯ୍ୟାଳୟ ଖୋଲାଯିବା ଏବଂ ଗାଁଗାଁ ରେ କଂଗ୍ରେସ ଦଳ ହାତ ଚିହ୍ନ କାନ୍ଥବାଡ଼ ୱାଲିଙ୍ଗ କରାଇବା ଏବଂ ପ୍ରତ୍ୟେକ ପଞ୍ଚାୟତରେ ଦଳୀୟ କର୍ମୀ ସମ୍ମିଳନୀ କରାଯାଇ ବୁଥ କମିଟି ଗଠନ ଉପରେ ପ୍ରସ୍ତାବ ଆସିଥିଲା । ଜିଲ୍ଲା ସଭାପତି ଶ୍ରୀ ଦାଶ ଦଳର ନୂତନ ସଂଗଠନ ଆରମ୍ଭ ପାଇଁ କର୍ମୀ ମାନଙ୍କ ସମସ୍ତ ପ୍ରସ୍ତାବକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯାଇ ଦଳକୁ କ୍ରିୟାଶୀଳ କରାଯିବା ସହିତ ବିଜେଡି ସରକାର ଦୁର୍ନୀତି ଭ୍ରଷ୍ଟାଚାର ବିରୁଦ୍ଧରେ ରଣପୁର ବ୍ଲକ ତହସିଲ ଘେରାଓ କରାଯିବ ଏବଂ ରଣପୁର ଚାନ୍ଦପୁର ଥାନା ଆଇଆଇସି ମାନେ ବିଜେଡି ନେତାଙ୍କ ହାତବାରିସୀ ସାଜି କଂଗ୍ରେସ ଲୋକଙ୍କ ନାମରେ ମିଥ୍ୟା କେଶ କରିବା ବନ୍ଦ ନହେଲେ ଥାନା ଆଗରେ କଂଗ୍ରେସ କର୍ମୀ ବିକ୍ଷୋଭ କରିବେ ବୋଲି କୁହାଯାଇଥିଲା । ମାର୍ଚ୍ଚ ମାସ ଶେଷ ସପ୍ତାହରେ ରଣପୁରରେ ପିସିସି ସଭାପତିଙ୍କ ସହ ଅନ୍ୟ ନେତୃବୃନ୍ଦଙ୍କୁ ଆଣି ଗର୍ଜନ ସମାବେଶ କରିବା ଶ୍ରୀ ଦାଶ ସୂଚନା ଦେଇଥିଲେ । ବୋଲି କହିଥିଲେ । ଯେଉଁ ବିରୋଧୀ ଦଳ ମାନେ କଂଗ୍ରେସର ନୟାଗଡ଼ରେ କିଛି ନାହିଁ ବୋଲି କହୁଛନ୍ତି ସେମାନେ ଆସିକି ଦେଖିକି ଯାଆନ୍ତୁ, କଂଗ୍ରେସ କୁ କେତେ ଲୋକ ଭଲ ପାଉଛନ୍ତି, ବିଜେଡି ବିଧାୟକ ଆଉ ତାଙ୍କର କୁଜିନେତା ଠିକାଦାର ଏତେ ଦୁର୍ନୀତିରେ ଉବୁଟୁବୁ ଯେ ସେହି ଦୁର୍ନୀତି ପର୍ଦ୍ଦାଫସ ହେଲ ନିର୍ବାଚନ ପୂର୍ବରୁ ସେମାନଙ୍କ ମୁହଁ କଳା ପଡିଯିବ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା ଜେନା, ବରିଷ୍ଠ କଂଗ୍ରେସ ନେତା ପିସିସି ସଭ୍ୟ ସତ୍ୟବ୍ରତ ନାୟକ,ଆଇନଜୀବୀ ସତ୍ୟରଞ୍ଜନ ମଓ୍ୱା,ଧ୍ରୁବଚାରଣ ପରିଡା, ଭିକାରୀ ପାତାଳସିଂ, ସୁରେନ୍ଦ୍ର କୁମାର କଳସ, ବାଳକୃଷ୍ଣ ଷଡ଼ଙ୍ଗୀ,ବାବୁଲି ସୁବୁଦ୍ଧି, ଲକ୍ଷ୍ମୀଧର ପୃଷ୍ଟି, ନବକିଶୋର ସାଥୁଆ, ରାମ ଦାସ, ପ୍ରଭାତ ମହାନ୍ତି, ଶିଶିର ଭଞ୍ଜ, ନବକିଶୋର ସେଠି, ହୃଦାନନ୍ଦ କାଣ୍ଡି, ଲକ୍ଷ୍ମଣ ପ୍ରଧାନ, ଗୋପାଳ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପାତ୍ର, ବିଜୟ କୁମାର ରାଉତ, ସୁଜିତ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠି, ସୁଦର୍ଶନ ପ୍ରଧାନ,ଆଇନଜୀବି ଶତ୍ରୁଘ୍ନ ପାଇକେରା,, ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର ଆବୁବକର ସିଦ୍ଦିକ, ଛାତ୍ରକଂଗ୍ରେସ ରାଜ୍ୟ ସମ୍ପାଦକ ଅନିଲ ଛୁଆଳସିଂରଣପୁର ବ୍ଲକ ଯୁବକଂଗ୍ରେସ ସଭାପତି ଜିତେନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଏହି ବନ୍ଧୁମିଳନ ଉତ୍ସବରେ ୫୦୦ ଦଳୀୟ କର୍ମୀ କାର୍ଯ୍ୟକର୍ତା, ମହିଳା ଯୁବକ, ଛାତ୍ର ଯୋଗ ଦେଇଥିବାରୁ ଜିଲ୍ଲା ସଭାପତି ସମସ୍ତଙ୍କୁ ହୃଦୟରୁ ସ୍ୱାଗତ କରିଥିଲେ ।

## ସାରଥୀଙ୍କ ପାଦୁକା ଯାତ୍ରା, ସାମିଲ୍ ହେଲେ ହଜାର ହଜାର ଭକ୍ତ

ମାଲକାନଗିରି, (ପି.ଏନ): ପୁଣି ଏକାଠି ହେଲେ ସାରଥୀ ଭକ୍ତ, ନାଚଗୀତ ସହ କମ୍ପିଲା ଗାଁ ଦାଣ୍ଡ । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ବରଜା ଗ୍ରାମରେ । ଜଣେ ବ୍ୟକ୍ତିଙ୍କ ପୁଅ ଜନ୍ମଦିନରେ ପାଦୁକା ଯାତ୍ରା ସହ ସତସଙ୍ଗର ଆୟୋଜନ ହୋଇଛି । ଏଥିପାଇଁ ପ୍ରଶାସନ ଠାରୁ ଅନୁମତି ମଧ୍ୟ ଅଣାଯାଇଥିବା ଜଣାଯାଇଛି ।ଗତକାଲି ଅପରାହ୍ନରେ ପ୍ରଶାସନର ଅନୁମତି ଅନୁଯାୟୀ, ନିର୍ଦ୍ଧାରିତ ସ୍ଥାନରୁ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। କୋୟା ଓ ବଣ୍ଡା ନୃତ୍ୟର ତାଳେ ତାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ସଂଧ୍ୟାରେ ପାଦୁକା ପୂଜା ସହ ପ୍ରବଚନ ମଧ୍ୟ ଆୟୋଜନ ହୋଇଛି । ତେବେ ଚଳିତ ଥର ରାଜ୍ୟର ସବୁ ଜିଲ୍ଲାରୁ ସାରଥୀ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣାଯାଇଛି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ବାଲେଶ୍ୱର ସାଂସଦଙ୍କ ଆଲୋଚନା



ବାଲେଶ୍ୱର,(ପି.ଏନ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି କେନ୍ଦ୍ର ଶିକ୍ଷା,କୌଶଳ ବିକାଶ ଓ ଉଦ୍ୟମିତା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବାସଭବନରେ ସାକ୍ଷାତ କରିଛନ୍ତି। ବାଲେଶ୍ୱର ଓ ମୟୁରଭଞ୍ଜରେ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ଘଓଖଚ ମାଧ୍ୟମରେ ଶତ ପ୍ରତିଶତ ସାକ୍ଷରତା ସୁନିଶ୍ଚିତ କରିବା ଏବଂ ଯୁବ ବର୍ଗଙ୍କ ଭିତରେ ଉଦ୍ୟମିତା ସୃଷ୍ଟି କରି କୌଶଳ ବିକାଶ ଓ ରୋଜଗାର ସୃଷ୍ଟି କରିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧ଼ାନ ମଧ୍ୟ ଉତ୍ସାହ ପୂର୍ବକ ଏ ସବୁ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତତ୍କାଳ ନିର୍ଦ୍ଦେଶ ଦେଇଥିବାରୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି :- ଶ୍ରୀନିବାସ ପ୍ରଧାନ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ରଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ବଲାଙ୍ଗୀରରେ ଆଇନଶୃଙ୍ଖଳା ବିଗୁଡୁଛି, ବଢୁଛି ଜନଅସନ୍ତୋଷ

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ସହର ତଥା ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି । ବିଚ ରାସ୍ତାରେ ଅପରାଧୀମାନେ ଖଣ୍ଡା, ଭୁଜାଲିରେ ଆକ୍ରମଣ କରୁଛନ୍ତି । ଅନେକ ସ୍ଥାନରେ ଗୁଳି ଫୁଟୁଛି । ଫଳରେ ସହର ଅଶାନ୍ତ ହେବାରେ ଲାଗିଛି । ଗତ ଚାରିଦିନ ତଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରାବାସରେ ପଶି ଜଣେ ନିଶାସକ୍ତ ଯୁବକ ଦୁଇଜଣ ଯୁବକଙ୍କ ତଂଟିକାଟି ହତ୍ୟା ଉଦ୍ୟମ କରିଥିଲା । ଠିକ ସେହିପରି ଶାନ୍ତିନଗର ପଡାରେ ଜଣକ ଘରେ ପଶି ଦୁର୍ବୃତ ମାନେ ସ୍ୱାମୀ, ସ୍ତ୍ରୀଙ୍କୁ ଖଣ୍ଡାରେ ହାଣି ଲହୁଲୁହାଣ କରିଦେଲେ । ଦୁଇଦିନ ତଳେ ପୁଣି ରେଳ ଷ୍ଟେସନ ରାସ୍ତାରେ ଜଣେ ପାନଦୋକାନୀକୁ ଦିନଦ୍ୱିପହରରେ ୭ଜଣ ମିଶି ଖଣ୍ଡାରେ ହାଣିଦେଲେ । ଏଭଳି ଘଟଣାକୁ ଦେଖିଲେ ବଲାଙ୍ଗୀରରେ ଆଉ ଆଇନଶୃଙ୍ଖଳା ଥିବା ଭଳି ଜଣାପଡୁନାହିଁ । ତେଣୁ ଆଜି ପୋଲିସର ନିଷ୍କ୍ରିୟତା ବିରୁଦ୍ଧରେ ବଲାଙ୍ଗୀର ସହରର ସ୍ୱେଚ୍ଛାସେବୀ ସଂଗଠନମାନେ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଆଜି ସ୍ଥାନୀୟ କୋସଳ କଳାମଣ୍ଡଳ ପଡିଆଠାରୁ ସ୍ୱେଚ୍ଛାସେବୀ ମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପରେ ସହର ତଥା ଜିଲ୍ଲାରେ ଶାନ୍ତିରକ୍ଷା ପାଇଁ ପୋଲିସ ପଦକ୍ଷେପ ନେବାକୁ ଏସପି ନୀତିନ କୁସଲକରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ସଭାପତି ସନ୍ତୋଷ ପଟ୍ଟନାୟକ ଓ ସଂପାଦକ ଗୋବିନ୍ଦ ଶତପଥିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବଲାଙ୍ଗୀର ନାଗରିକ କମିଟିର ସଂପାଦକ ମନୋରଂଜନ ସାହୁ, ବଲାଙ୍ଗୀର ଯୁବ ଏକ୍ସନ କମିଟିର ସଭାପତି ବିନୋଦ କାଲସାଏ, ବିଙ୍ଗହ୍ୟୁମାନ ଫାଉଣ୍ଡେସନର ବିବେକା ପଟେଲ, ନାରୀଶକ୍ତି ଫାଉଣ୍ଡେସନର ନୂତନ ଦାସ, ମମତା ଜେନା, ସ୍ମାଇଲ ଫର ଅଲର ସଂଜୀବ ସାହୁ, ବିଜେଡି କାଉନସିଲର ତଥା ନଗର ସଭାପତି ଶମ୍ଭୁ ନାଗ, ଜିଲ୍ଲା ଯୁବବିଜେଡି ସଭାପତି ରାଜେନ୍ଦ୍ର ହୋତା, କଂଗ୍ରେସ ଦଳର ଅଜୟ ବାଲି, ନାଶିର ଖାନ, ଅମିତ ନାୟକ, ଗୋସୁରକ୍ଷା କମିଟିର କାହ୍ନୁ ଶତପଥି, ସ୍ୱାଭିମାନ ପରିବାର, ପଶ୍ଚିମ ଓଡିଶା ଯୁବା ମଂଚ, ଯୁବା ପ୍ରତାପୀ ସେନା, କୋସଲ ମୁକ୍ତି ମୋର୍ଚ୍ଚା, ଅଟୋଚାଳକ ସଂଘ, ଶ୍ରମିକ ସଂଘର କର୍ମକର୍ତା ସାମିଲ ହୋଇଥିଲେ ।ଏହି ଅବସରରେ ବଲାଙ୍ଗୀର ଏସପିଙ୍କୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା□ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କ□ପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେ□ାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ□ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।




# ପ୍ରଚାରରେ ସୀମିତ ବସ୍ତିର ବିକାଶ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ରାଉରକେଲା (ପିଏନ୍): ବସ୍ତିରେ ପାଇପ୍ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ପାଇପ୍ ବିଛାଯାଇଛି । ମାତ୍ର କେଉଁଠି ପାଣି ଆସୁଛି ତ ଆଉ କେଉଁଠି ପାଣି ଆଦୌ ଆସୁନାହିଁ । ଯେଉଁଠାରେ ପାଣି ଆସୁଛି ସେଠାରେ କେବେ ୨୦/୨୫ ମିନିଟ୍ ପାଇଁ ଆସୁଛି ତ ଆଉ କେବେ ୫/୧୦ ମିନିଟ୍ ପାଇଁ ଆସୁଛି । ପାଇପ୍ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥା ରାଉରକେଲା ମହାନଗର ନିଗମ ଅ'ର୍ଗତ ୧୧ ନମ୍ବର ୱାର୍ଡର ମଧୁସୂଦନପାଲ୍ଲୀ, ବିବେକାନନ୍ଦ ବସ୍ତି ଓ ଫିଲ୍ଟର ହାଉସ୍ ବସ୍ତିରେ ଲାଗି ରହିଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି ଉକ୍ତ ଅଞ୍ଚଳ ପରିକ୍ରମା ସମୟରେ ବସ୍ତିବାସିନ୍ଦାମାନଙ୍କୁ ସାକ୍ଷାତ କରି ବସ୍ତିର ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଜଳ ଯୋଗାଣରେ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ବସ୍ତିର ବାସିନ୍ଦାମାନେ ତୀବ୍ର ଅସ'ୋଷ ପ୍ରକାଶ କରିଥିବା ବେଳେ ମହାନଗର ନିଗମ ତରଫରୁ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫା ହେଉନଥିବାରୁ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଥିଲେ । ବିବେକାନନ୍ଦ ବସ୍ତିରେ ମହାନଗର ନିଗମ ତରଫରୁ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ସଫେଇ ହେଉନଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ସହ ପରିବେଶକୁ ପ୍ରଦୂଷିତ କରୁଛି । ଏହି ଶୌଚାଳୟ ନିକଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନେ ଏହି ଦୁର୍ଗନ୍ଧ ଦ୍ୱାରା ବିଶେଷ ପ୍ରଭାବିତ ହେଉଛି । ଅଙ୍ଗନବାଡି କେନ୍ଦ୍ର ଗୃହର ମଧ୍ୟ ଆବଶ୍ୟକୀୟ ମରାମତି ହେଉନଥିବାରୁ ଏହାର ଚଟାଣ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳୁଛି । ଶୌଚାଳୟ ନିକଟରେ ନିର୍ମିତ ସୁବିଧା କେନ୍ଦ୍ର ଏହି ଦୁର୍ଗନ୍ଧ ଯୋଗୁ ବ୍ୟବହାର ହୋଇପାରୁ ନାହିଁ । ବିବେକାନନ୍ଦ ବସ୍ତିରେ ନିର୍ମିତ ନାଳି ମଧ୍ୟ ଠିକ୍ ଭାବେ ସଫା କରାଯାଉନଥିବା ବେଳେ ନାଳି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ସେହିପରି ଫିଲ୍ଟର ହାଉସ୍ ବସ୍ତିରେ ମଧ୍ୟ କଂକ୍ରିଟ୍ ନାଳି ନିର୍ମାଣର ଆବଶ୍ୟକତା ଥିବାବେଳେ ମଧୁସୂଦନପାଲ୍ଲୀର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱରେ କଂକ୍ରିଟ୍ ନାଳି ନିର୍ମାଣ କରାଯାଇ ଅପରପାର୍ଶ୍ୱରେ ନାଳି ନିର୍ମାଣ ନ କରି ଛାଡି ଦିଆଯାଇଛି । ମଧୁସୂଦନପାଲ୍ଲୀର ଗଙ୍ଗାରାମ ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନଥିବା ଏବଂ ବସ୍ତିର ଗରିବ ଶ୍ରେଣୀର ବାସିନ୍ଦାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅ'ର୍ଗତ କାର୍ଯ୍ୟକ୍ରମରେ ବ୍ୟକ୍ତି ପାଇଖାନା ପାଇବାକୁ ସମର୍ଥ ହୋଇନଥିବାରୁ ଖୋଲା ପଡିଆରେ ଶୌଚ କରିବାକୁ ବାଧ ହେଉଛି । ଅନୁରୂପ ଭାବେ ଉପରୋକ୍ତ ବସ୍ତି ଅଞ୍ଚଳରେ ଅନେକ ବୃଦ୍ଧବୃଦ୍ଧା ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ବେଳେ ଯେଉଁମାନେ ଭତ୍ତା ପାଉଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କର ଭତ୍ତା ବନ୍ଦ ହୋଇଯାଇଥିବା ପ୍ରକାଶ କରିଥିଲେ । ଅନୁରୂପ ଭାବେ ରାସନ କାର୍ଡ ମଧ୍ୟ ଅନେକ ଯୋଗ୍ୟ ବିବେଚିତ ଗରିବ ଲୋକ ପାଇନଥିବା ବେଳେ ଯେଉଁମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କର କାର୍ଡ ମଧ୍ୟ ବିଭିନ୍ନ ସମୟରେ ଅଚଳ ହେବା ସହିତ କାର୍ଡରୁ ସଦସ୍ୟଙ୍କ ସଂଖ୍ୟା କଟି ଯାଇଥିବା ଅଭିଯୋଗ କରିଥିଲେ । ତେବେ ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ଶ୍ରୀ ସେନାପତି ବସ୍ତିବାସୀଙ୍କ ଠାରୁ ଅବଗତ ହୋଇ ଏସବୁକୁ ବିଭାଗୀୟ ଅଧିକାରୀ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ମହାନଗର ନିଗମ କର୍ତ୍ତୃପକ୍ଷ, ରାଜ୍ୟ ସରକାର ତଥା ସ୍ଥାନୀୟ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ବସ୍ତି ବିକାଶକୁ ନେଇ ବଡ ବଡ ପ୍ରଚାର କରୁଥିଲେ ହେଁ ବାସ୍ତବ ଚିତ୍ର ଉପରୋକ୍ତ ବସ୍ତିଗୁଡିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ବୋଲି ଶ୍ରୀ ସେନାପତି କହିଛି । ଏହି ପରିକ୍ରମା କାର୍ଯ୍ୟକ୍ରମରେ ପିସିସି ସଭ୍ୟ ସବୀର ହୁସେନ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ସାହୁ, ଏସ୍.ଏନ୍. କ୍ରିଷ୍ଣା, ଯୁବନେତା ଅନୀଲ ଦାସ, ସେକ୍ ସମିର, ରଷି ସାହୁ ପ୍ରମୁଖ ସାମିଲ୍ ହୋଇ ସମସ୍ତ ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଯୁବ ମହୋତ୍ସବରେ ଯୋଗ ଦେବାକୁ ଗଲେ ୩୪ ଜଣ ଆଦିବାସୀ ଯୁବକ ଯୁବତୀ

ମାଲକାନଗିରି,(ପି.ଏନ): ହରିୟାଣା ପଂଚକୁଲା ଠାରେ ଆୟୋଜିତ ଯୁବ ମହୋତ୍ସବରେ ଯୋଗ ଦେବାକୁ ମାଲକାନଗିରି ଜିଲ୍ଲାର ୩୪ ଜଣ ଆଦିବାସୀ ଯୁବକ ଯୁବତୀ ଯାଇଛନ୍ତି। ମାଲକାନଗିରି ଠାରେ ଆୟୋଜିତ ଏକ ସମାରୋହରେ ବିଏସଏଫ କମାଣ୍ଡାଂଟ ଶିବ ଓମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୨୨ ଜଣ ଯୁବକ ଏବଂ ୧୨ ଜଣ ଯୁବତୀଙ୍କୁ ନେଇ ଯୁବ ବିନିମୟ କାର୍ଯ୍ୟକ୍ରମକୁ ପଠାଯାଇଛି। ମାଲକାନଗିରି ଜିଲ୍ଲାର ମୋଟ ୩୪ ଜଣ ପ୍ରାର୍ଥୀ ଯେଉଁମାନେ ଦୁର୍ଗମ ଦୂରଦୂରାନ୍ତ ଗ୍ରାମରୁ ଆସିଛନ୍ତି। ୩ ବିଏସଏଫ୍ ଅଧିକାରୀ ସେମାନଙ୍କ ସହିତ ଏସକର୍ଟ ଭାବରେ ଯାଇଛନ୍ତି। ଏହି ଭ୍ରମଣ ସମୟରେ ପ୍ରାର୍ଥୀମାନେ ପଂଚକୁଲା (ହରିୟାଣା) ଠାରେ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ । ଆଜିର ଏହି କାର୍ଯ୍ୟକ୍ରମରେ ଡକ୍ଟର ଅମିତ ପ୍ରସାଦ, ଜିଲ୍ଲା ଯୁବ ଅଧିକାରୀ ହରିଶ ରୁପାଲ, ଏବଂ ଅନ୍ୟାନ୍ୟ ବିଏସ୍ଏଫ୍ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଭାରତର ନେହେରୁ ଯୁବ କେନ୍ଦ୍ର ସଂଗଠନ (ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ) ସହଯୋଗରେ ସୀମା ସୁରକ୍ଷା ବଳ (ଗୃହ ମନ୍ତ୍ରଣାଳୟ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ୨୦୨୨-୨୩ ଅନ୍ତର୍ଗତ ୭ଟି ପର୍ଯ୍ୟାୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରୀ, ନୂଆଦିଲ୍ଲୀ, ଚଣ୍ଡିଗଡ଼ ଏବଂ କୋଚିରେ ସଫଳତାର ସହ ସମାପ୍ତ ହୋଇଥିଲା। ଯେଉଁଥିରେ ମାଲକାନଗିରି ଜିଲ୍ଲାର ମୋଟ ୨୦୨ ଜଣ ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଏହି ସମଗ୍ର ଭ୍ରମଣ ସମୟରେ ଯୁବକମାନେ ୧୫ ଫେବୃଆରୀରୁ ୨୧ ଫେବୃଆରୀ ପର୍ଯ୍ୟନ୍ତ ହରିୟାଣାର ପଞ୍ଚକୁଲା ପରିଦର୍ଶନ କରିବେ ।ଏହି ଗସ୍ତ ସମୟରେ ସେମାନେ ରାଜ୍ୟପାଳ, ମହାନ ସଫଳତା, କ୍ରୀଡ଼ା ବ୍ୟକ୍ତିତ୍ୱ, ଚଳଚ୍ଚିତ୍ର / ଟିଭି ତାରକା ତଥା ରାଜ୍ୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କ ପରି ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କୁ ଭେଟିବାର ସୁଯୋଗ ପାଇବେ। ଦେଶର ସାମାଜିକ ଏବଂ ସାଂସ୍କୃତିକ,କୃଷି, ପ୍ରମୁଖ ଶିଳ୍ପ / କର୍ପୋରେଟ୍ ହାଉସ୍, ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ, ସାଂସ୍କୃତିକ ସ୍ଥାନ ପରିଦର୍ଶନ କରିବେ । ସେମାନଙ୍କୁ ଏକ ବଡ଼ ପ୍ଲାଟଫର୍ମରେ ଉତମ ଏକ୍ସପୋଜର୍ ଯୋଗାଇବା ପାଇଁ ଯୋଜନା କରାଯାଇଛି ଯାହାକି ସେମାନଙ୍କୁ ଏକ ଉଜ୍ଜ୍ୱଳ କ୍ୟାରିୟର ଖୋଲିବାକୁ ସାହାଯ୍ୟ କରିବ ।

# କେନ୍ଦ୍ରୀୟ ବଜେଟକୁ ବିରୋଧ କରି ସିପିଆଇର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଜୟପୁର, (ପି.ଏନ): କୃଷକ, ଶ୍ରମିକ ଏବଂ ମଧ୍ୟବିତ ପରିବାର ଉପରେ ବୋଝ ଉପରେ ନଳିତା ବିଡା ଭଳି କେନ୍ଦ୍ରୀୟ ବଜେଟ କରାଯାଇଥିବାରୁ ଏହାକୁ ବିରୋଧ କରିଛି କୋରାପୁଟ ଜିଲା ସିପିଆଇ । ଏନେଇ ଆଜି ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତା ମାନେ ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଦଳିୟ ବ୍ୟାନର, ପୋଷ୍ଟର ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କ କାଯ୍ୟାଳୟରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ରାଷ୍ଟ୍ରବାଦ ନାମରେ ଆଦାନୀର ଭ୍ରଷ୍ଟାଚାରକୁ ସଂରକ୍ଷଣ ଓ ଲାଳନପାଳନ ବନ୍ଦ କର । ଲକ୍ଷ ଲକ୍ଷ କୋଟି ଟଙ୍କାର ଘୋଟାଲାର ଜେ.ପି.ସି ଦ୍ୱାରା ତଦନ୍ତ କରାଯାଉ, ଏଲ.ଆଇ.ସି. ଓ ଷ୍ଟେଟ ବ୍ୟାଙ୍କର ଲକ୍ଷ ଲକ୍ଷ କୋଟି ଜନଗଣଙ୍କ ଅର୍ଥ ଆଦାନୀ ବ୍ୟବସାୟରେ ନିବେଶ ପାଇଁ ମୋଦୀ ସରକାର ଅନୁକମ୍ପା ଦେଖାଇଛନ୍ତି । ଏଲ.ଆଇ.ସି ଓ ଏସ.ବି.ଆଇ. ବଂଚାଅ ବୋଲି ଦାବି କରାଯାଇଛି । ସେହିପରି ସ୍ୱାମୀନାଥନ କମିଟି ରିପୋର୍ଟ ସମ୍ପୂର୍ଣ୍ଣ ଲାଗୁ କରି କୃଷି ଓ କୃଷକ ବଂଚାଇବା, କର୍ପୋରେଟ ଟିକସ ହ୍ରାସ କିନ୍ତୁ ଜନଗଣଙ୍କ ଉପରେ ଟିକସ ବୋଝ ଫେରସ୍ତ କର । ଦରଦାମ ବୃଦ୍ଧି ପ୍ରତ୍ୟାହାର କର , ଅଙ୍ଗନବାଡି, ଆଶା, ପାଚିକା ଆଦି ସ୍କିମକୁ ଅର୍ଥ ନବଢାଇ ତାକୁ ବନ୍ଦ କରିବା ଷଡଯନ୍ତ୍ର ରଦ୍ଦ କରି ସମସ୍ତଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରାଯାଉ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଅନୁଦାନ ପ୍ରଦାନ କର, ଅଶୋଧିତ ତୈଳ ଦର ଯଥେଷ୍ଟ କମିଛି, ଏଣୁ ଅବିଳମ୍ବେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦର ହ୍ରାସ କରାଯାଉ, ବେକାରି ମାନଙ୍କୁ ନିଯୁକ୍ତି ପାଇଁ ସମସ୍ତ ବନ୍ଦ କଳକାରଖାନା ଗୁଡିକୁ ତୁରନ୍ତ ଖୋଲାଯାଉ ଏବଂ ଜୟପୁର ସେବା କାଗଜକଳକୁ ପୁଣ୍ଡ କାଯ୍ୟକ୍ଷମ କରାଇ ଶ୍ରମିକ ମାନଙ୍କୁ ନ୍ୟାୟ ଦିଆଯାଉ ଆଦି ଦାବି ରହିଛି ।ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ରାମ କୃଷ୍ଣ ଦାସ, ସତ୍ୟ ବ୍ରତ ନନ୍ଦ, ଜିଲା ସହ ସମ୍ପାଦକ କୁମାର ଜାନୀ, ଜିଲା ପରିଷଦ ସଭ୍ୟ ସନ୍ୟାସି ମାଳି, ଗୁପ୍ତ ସଗରିଆ, କେଶବ ନାଗ, ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସାନଖେମୁଣ୍ଡିରେ ଜାତୀୟ ପ୍ରେସ ଦିବସ ଧୁମଧାମରେ ପାଳିତ

ସାନଖେମୁଣ୍ଡି (ପିଏନ୍)-ନଭେମ୍ବର ୧୬ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଠାରେ ପ୍ରେସ କ୍ଲବ୍ ପକ୍ଷରୁ ଏକ ଆଲୋଚନା ଚକ୍ରର ଆୟୋଜନ ସହ ଆମନ୍ତ୍ରିତ ଅଞ୍ଚଳ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ବୁଦ୍ଧିଜୀବୀଙ୍କ ମିଳିତ ସମାବେଶର ଆୟୋଜନ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ପ୍ରେସ ଦିବସର ଅନୁଚିନ୍ତା ଏବଂ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ କରାଯାଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ସମ୍ବାଦପତ୍ର ସଂଘ ସଭାପତି ତଥା ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ନବୀନ' ର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ 'ପରିବର୍ତ୍ତନ' ଖବର କାଗଜ ସମ୍ପାଦକ ରମାକାନ୍ତ ପରିଜା ଏବଂ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟର ଗଣତାନ୍ତ୍ରିକ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବିକଳ ଚିତ୍ରରେ ପ୍ରତିନିଧିଙ୍କ ଭୂମିକାକୁ ନେଇ ନିଜ ନିଜ ଓଜସ୍ୱିନୀ ଅଭିବ୍ୟକ୍ତି ରଖିଥିଲେ। ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଲାଘବ କରିବାକୁ ଥିବା ଗଣମାଧ୍ୟମଗୁଡ଼ିକ ସମ୍ପ୍ରତି ସରକାରୀ ଭାଙ୍ଗ ସାଜୁଥିବା କାରଣରୁ ସମ୍ବାଦପତ୍ର କ୍ଷେତ୍ରକୁ ଶିଳ୍ପରେ ପରିଣତ କରି କର୍ପୋରେଟଙ୍କୁ ସ୍ୱାଗତ କରିବା ଆଗାମୀ ଦିନର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିକଟ ଚିତ୍ର ପ୍ରଦାନ କରିବା ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ପ୍ରମୁଖ ସମ୍ବାଦପତ୍ର ନିଜର ସ୍ୱାର୍ଥ ହାସଲ ପାଇଁ ଗଣମାଧ୍ୟମକୁ ଉପଯୋଗ କରୁଥିବାରୁ ଚତୁର୍ଥ ସ୍ତମ୍ଭ କଳୁଷିତ ହେବା ସହ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅତଏବ ଏହି ସମସ୍ୟାର ସମାଧାନ ନେଇ ସଂଘୀୟ ବ୍ୟବସ୍ଥାର ବିକଳ୍ପ ରାସ୍ତା ଆପଣାଇବାକୁ ବର୍ଷୀୟାନ ସାମ୍ବାଦିକ ରବି ରଥ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ସମାଜର ସର୍ବନିମ୍ନ ବର୍ଗଙ୍କଠାରେ ଥିବା ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକଙ୍କ ଭୂମିକା ରହୁଥିବାରୁ କର୍ମଜୀବୀ ସାମ୍ବାଦିକ ହିସାବରେ ଏହି ବର୍ଗଙ୍କ ହିତରେ ସର୍ବଦା କାମ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟ କ୍ରମରେ ପ୍ରେସ କ୍ଲବ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଅଞ୍ଚଳ ବୁଦ୍ଧିଜୀବୀ ଜନପ୍ରତିନିଧିଙ୍କ ମିଳିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡଃ ଶ୍ରୀନିବାସ ବେହେରା, ମୁଖ୍ୟ ବକ୍ତା ଭାବେ ପାଟପୁର ଥାନା ଭରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲ ମଞ୍ଚାସୀନ ରହି ଉପସ୍ଥିତ ବୁଦ୍ଧିଜୀବୀ ଜନ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମନ୍ୱୟକୁ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନ ସହ ଜନପ୍ରତିନିଧିଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧ୍ୟମର ସମୟ ଉପଯୋଗୀ ଖବର ପ୍ରସାରଣ ଗୁରୁତ୍ୱ ରଖିଥିବାରୁ ପ୍ରକୃଷ୍ଟ ତଥ୍ୟ ଭିତ୍ତିକ ଖବର ପ୍ରସାରଣର ମହତ୍ତ୍ୱକୁ ଅବତାରଣା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଲୋକକଳା କଳାକାର ସଂଘ ସଭାପତି ତଥା ବରିଷ୍ଠ ଲୋକକଳା କଳାକାର ସନ୍ତୋଷ କୁମାର ପାଢ଼ୀ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ନେଇ ସାଧୁବାଦ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ କୁମାର ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଅମିନ ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ, ରାଜୀବ ପାତ୍ର ପ୍ରମୁଖଙ୍କ ସହ ବହୁ ସରପଞ୍ଚ , ସମିତି ସଭ୍ୟଙ୍କ ସହ ଶତାଧିକ ଅଞ୍ଚଳ ବୁଦ୍ଧିଜୀବୀ ଉପସ୍ଥିତ ରହି ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପ୍ରେସ କ୍ଲବ ସାନଖେମୁଣ୍ଡି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ଆରତ କୁମାର ହୋତା, ଶିବ ଶଙ୍କର ସ୍ୱାଇଁ, ରଘୁନାଥ ନାୟକ ପ୍ରମୁଖ ଅଂଶଗ୍ରହଣ ସହ ପରିଚାଳନା କରିଥିଲେ।

# ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ ଯେ ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା। ନୌବାଣିଜ୍ୟର ପରମ୍ପରା ହୁକିଟୋଲା ଲାଇଟ ହାଉସ ଜାଗ୍ରତ ସ୍ୱାକ୍ଷର ଭାବରେ ବର୍ଷ ବର୍ଷ ଧରି ରହିଆସିଛି। କେନ୍ଦ୍ରାପଡା ବାଲିଯାତ୍ରା ଭବିଷ୍ୟତର ପ୍ରତିଭାଧରମାନଙ୍କୁ ଉନ୍ମୋଚନ କରିବାରେ ସହାୟକ ହେବ। କମିଟି ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା ଜିଲ୍ଲା ପ୍ରଶାସନର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପତ୍ରିକା ସଂପାଦକ ଶୁଭ୍ରାଂଶୁ କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ସତ୍ୟବ୍ରତ ସିଂ, କବି କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗଗନ ବିହାରୀ ଜେନା, ଟୁଟୁ ଗେରୁ, ଗବେଷକ ନିରଞ୍ଜନ ମେକାପ, ରମଣୀରଞ୍ଜନ ରାଉତରାୟ, ବିକ୍ରମ କେଶରୀ ରାଉତରାୟ, ରାଜୁ କୁବେର, ଶ୍ରୀଧର ଭୋଳ, ପ୍ରଦୀପ ବିହାରୀ, ସେକ ମତୁ, ସେକ ଅଜିମୁଦ୍ଦିନ, ପଂଚାନନ ଦାସ, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ନୃତ୍ୟ, ମା ଚିଲିକାରାଣୀ ପାଇକ ଆଖଡା, ଖୋର୍ଦ୍ଧା ସମେତ ମେଲୋଡି ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରକମ୍ପିତ୍ ହୋଇ ଉଠିଥିଲା ବାଲିଯାତ୍ରା ପଡିଆ। ମହୋତ୍ସବରେ ଜନସାମଗମକୁ ଲକ୍ଷ୍ୟ ରଖି ଶାନ୍ତି, ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲା କଂଗ୍ରେସ ତରଫରୁ ମୌଲାନା ଆଜାଦଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସର ପୂର୍ବତନ ସଭାପତି ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଗତ ୧୧ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୌଲାନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ବକ୍ତବ୍ୟ ରଖି ମୌଲାନା ଆଜାଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୌଲାନା ଆଜାଦ ସ୍ୱାଧୀନ ଭାରତର ନାଗରିକମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସେମାନଙ୍କ ମୌଳିକ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ତେଣୁ ସେଥିପାଇଁ ମୌଳିକ ପ୍ରାଥମିକ ଶିକ୍ଷାକୁ ଦେଶବାସୀଙ୍କୁ ନିଶୁଳ୍କରେ ଯୋଗାଇ ଦେବା ପାଇଁ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆଜାଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶିକ୍ଷାରୁ ବଞ୍ଚିତ ଥିବା ଦେଶର ନାଗରିକଙ୍କୁ ଶିକ୍ଷିତ କରାଇବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ତାହା ମୌଲାନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ବନମାଳୀ ବିଶୋୟୀ, ଦିଲ୍ଲୀପ ଜେନା, ରୁକସାନା ବେଗମ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ବସ' ମହାଳିକ, ଶିବ ଚରଣ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରେହେମାନ ଖାନ, ସଂଖ୍ୟାଲଘୁ ଅଧ୍ୟକ୍ଷ ଇଜାଜ ଅଖତର ପ୍ରମୁଖ ଏହି ଅବସରରେ ମୌଲାନାଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିବା ବେଳେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଚଣ୍ଡିଖୋଲରେ ରାଷ୍ଟ୍ରିୟ ଲୋକ ଅଦାଲତ : ୧୭୯ କେଶ ଫଏସଲା

## ୨୬ ଲକ୍ଷ ୬୪ ହଜାର ୧୬୩ ଟଙ୍କା ଜରିମନା ଆଦାୟ

ଦର୍ପଣ,(ପି.ଏନ)-ଚଣ୍ଡିଖୋଲ କୋର୍ଟ ପରିସରରେ ଅନୁଷ୍ଠିତ ରଷ୍ଟ୍ରିୟ ଲୋକ ଅଦାଲତରେ ୧୭୯ଟି କେଶ ଫଏସଲା କରାଯାଇ ଜରିମନା ବାବଦକୁ ୨୬ଲକ୍ଷ ୬୪ ହଜାର ୧୬୩ ଟଙ୍କା ଆଦାୟ କରାଯାଇଛି । ଏହି ଲୋକ ଅଦାଲତରେ ସବଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଜେ.ଏମ.ଏଫ.ସି ପରବିନ ମଣ୍ଡଳ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ସଂପାଦକ ପ୍ରକାଶ କୁମାର ଦାଶ, ଏ ଜି.ପି. ଜନ ବେହେରା, ଶଶାଙ୍କ ଶତପଥି, ଏ.ପି.ପି. ଶରତ ଚନ୍ଦ୍ର ବଳ ଓ ଗୋଲକ ବିହାରୀ ମହାନ୍ତି, ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି, ଚିନ୍ମୟ ପ୍ରତାପ, ବିରେନ କୁମାର ବିଶ୍ୱାଳ, ପ୍ରେମାନନ୍ଦ ବେହେରା, ନଳିନିକାନ୍ତ ମିଶ୍ର, ଯତୀନ୍ଦ୍ର ସାମଲ, ରମେଶ କୁମାର ନନ୍ଦ, ଦୀପକ କୁମାର ଡୋରା, ଜୟାତିଶଙ୍କର ମହାପାତ୍ର, ଅବିନାଶ ବଳ. ବେବିନା ଓଝା, କୁମର ପ୍ରସାଦ ବେହେରା, ପ୍ରତିମାରାଣି ସାହୁ, ସଂଗ୍ରାମ ସାମଲ, ଶିରିଶ କୁମାର ସାମଲ, ବାବାଜି ସାମାଲ, ଅଶୋକ କୁମାର ଜେନା, ରିଟେନର ବିଜୟ ରାଉଳ ପ୍ରମୁଖ ଯୋଗ ଦେଇ ଏଥିରେ ସହଯୋଗ କରିଥିଲେ ।

### ଗଞ୍ଜେଇ ଚାଲାଣ ବେଳେ ୧୩ କିଗ୍ରା ଗଞ୍ଜେଇ ଜବତ, ୩ ଯୁବକ ଗିରଫ

କନ୍ଧମାଳ, (ପି.ଏନ):ଖ ଖଜୁରୀପଡା ଥାନା ଅଧିନସ୍ଥ ଦୁତିମେଣ୍ଡି ଠାରେ ଗଞ୍ଜେଇ ସହ ୩ ଯୁବକଙ୍କୁ ଖଜୁରୀପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗତକାଲି ବସ ଯୋଗେ ଯିବାପାଇଁ ମୟୂରଭଞ୍ଜ କପ୍ତିପଦା ଅଂଚଳର ୩ ଯୁବକ ଗଞ୍ଜେଇ ଧରି ଦୁତିମେଣ୍ଡି ଠାରେ ଅପେକ୍ଷା କରିଥିବାବେଳେ ପୋଲିସ ସେମାନଙ୍କୁ ସନ୍ଦେହରେ ଧରି ଥାନାକୁ ଆଣି ପଚରାଉଚରା କରିଥିଲା । କିନ୍ତୁ ପୂର୍ବରୁ ସୁଚନା ପାଇ ପୋଲିସ ଏକ ଘରୋଇ ବସକୁ ଅଟକାଇ ତନଖି କରୁଥିବା ବେଳେ ସବ୍‌ଇନସ୍ପେକ୍ଟର ଦୀନବନ୍ଧୁ ପ୍ରଧାନ ଏବଂ ଜଣେ କନେଷ୍ଟବଳ ଦୁତିମେଣ୍ଡିକୁ ବାଇକ୍ ରେ ଯାଇ ଯୁବକ ମାନଙ୍କୁ ଆଣି ଯାଂଚ କରିଥିବା ବେଳେ ବ୍ୟାଗରୁ ସମୁଦାୟ ୧୩ କେଜି ଗଂଜେଇ ରହିଥିବା ପୋଲିସ ସୁଚନା ଦେଇଛି । କପ୍ତିପଦା ଅଂଚଳର ବିରେନ କୁମାର ନାୟକ, ଧିରେନ କୁମାର ନାୟକ ଏବଂ ତପନ କୁମାର ପାତ୍ରଙ୍କ ନାମରେ ୧୯/୨୩ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।

## ଧରଣୀଧର ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ଲୋକାର୍ପିତ

କନ୍ଦୁଝର, (ପି.ଏନ) ଆଜି କେନ୍ଦୁଝର ଗସ୍ତରେ ଆସି ଧରଣୀଧର ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲର ଲୋକାର୍ପଣ କରିବା ସହ ୪ ହଜାର ୭ଶହ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ଆସି ଧରଣୀଧର ମେଡ଼ିକାଲ କଲେଜ ନିକଟ ହେଲିପ୍ୟାଡରେ ପହଂଚିଥିଲେ । ସେଠାରୁ ତାଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା । ଏହାପରେ ଧରଣୀଧର ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲର ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ । ମେଡ଼ିକାଲ କଲେଜରେ ପ୍ରଥମ ବର୍ଷ ୧୦୦ଟି ଏମବିବିଏସ ସିଟ୍ ରେ ପାଠପଢ଼ା ଆରମ୍ଭ ହୋଇଛି । ଏହାପରେ ଧରଣୀଧର ମେଡ଼ିକାଲ କଲେଜ ସମ୍ମୁଖରେ ଆୟୋଜିତ ଏକ ବିଶାଳ ସଭାରେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିଥିଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଜୟ ମା ତାରିଣୀ । ମାନ୍ୟବର ମନ୍ତ୍ରୀଗଣ, ସାଂସଦ, ବିଧାୟକ ଏବଂ ପ୍ରିୟ ଭାଇ ଓ ଭଉଣୀ ମାନେ । ଆପଣମାନଙ୍କୁ ସମସ୍ତଙ୍କୁ ମୋର ନମସ୍କାର । ଆଜି କେନ୍ଦୁଝର ଆସି ଓ ଆପଣମାନଙ୍କୁ ଭେଟି ମୁଁ ବହୁତ ଖୁସି । ଏ ମାଟିର ବିପ୍ଳବୀ ଧରଣୀଧରଙ୍କ ପ୍ରତି ସେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କେନ୍ଦୁଝର ପାଇଁ ଏକ ଆନନ୍ଦର ଦିନ । କେବଳ କେନ୍ଦୁଝର ନୁହେଁ ସାରା ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ଗୌରବର ଦିନ । ଆଜି ଆପଣମାନଙ୍କର ଦୀର୍ଘ ଦିନର ଆଶା ପୂରଣ ହୋଇଛି । ଖୁସିର କଥା କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜ ଓ ହସ୍ପିଟାଲ ଆଜି ଉଦଘାଟିତ ହେଲା । ଆପଣମାନେ ଖୁସି ତ । ମୁଁ ବି ବହୁତ ଖୁସି । ମୁଁ ଆଶା କରୁଛି ଏହାଦ୍ୱାରା ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିବ । ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଏହା ସଫଳ ହେବ । ଜିଲ୍ଲାରେ ଅଧିକ ଡାକ୍ତର ସୃଷ୍ଟି ହେବେ । ଗରିବ ଲୋକମାନଙ୍କୁ ଆଉ ସ୍ୱାସ୍ଥ୍ୟସେବା ପାଇବା ପାଇଁ କଟକ, ଭୁବନେଶ୍ୱର ଯିବାକୁ ପଡିବ ନାହିଁ । ଏହି ଅବସରରେ ୪ ହଜାର ୭ଶହ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ । ଭୂୟାଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଇଭ୍-ଟି ସଚିବ ଭି.କେ. ପାଣ୍ଡିଆନ, କେନ୍ଦୁଝର ସାଂସଦ ଚନ୍ଦ୍ରାଣି ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।

### ବଡ଼ଦାଣ୍ଡରେ ବିଶ୍ୱ ରେଡ଼ିଓ ଦିବସ ପାଳିତ

ପୁରୀ, (ପି.ଏନ): ବଡ଼ଦାଣ୍ଡରେ ବିଶ୍ୱ ରେଡ଼ିଓ ଦିବସ ପାଳିତ ହୋଇଯାଇଛି । ବଡ଼ଦାଣ୍ଡ ସେବା ସଂଗଠନ ଦ୍ୱାରା ଏହି ଦିବସକୁ ପାଳନ କରାଯାଇଛି । ଚଳିତବର୍ଷ ରେଡ଼ିଓ ଦିବସରେ ଜାତିସଂଘର ବାର୍ତା ରେଡ଼ିଓ ଓ ଶାନ୍ତି ସମ୍ପର୍କରେ ପ୍ରଚାର କରାଯାଇଥିଲା । ମରଚିକୋଟ ଛକଠାରେ ସ୍ଥାନୀୟ ବ୍ୟବସାୟୀ, ବାସିନ୍ଦା, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ଏଥିରେ ସାମିଲ୍ ହୋଇଥିଲେ । ଏହି ଅବସରରେ ବିଭିନ୍ନ ମଡ଼େଲ ର ପୁରାତନ ରେଡ଼ିଓ ଗୁଡ଼ିକ ବଡ଼ଦାଣ୍ଡରେ ରଖାଯାଇ ଫୁଲମାଳରେ ସଜ୍ଜିତ କରାଯାଇଥିଲା । ପରେ ବେଦପାଠ ଶଙ୍ଖ ଧ୍ୱନୀ ସହ ପୂଜାର୍ଚ୍ଚନା କରାଯାଇଥିଲା । ଉପସ୍ଥିତ ରେଡ଼ିଓପ୍ରେମୀ ମାନେ ସେମାନଙ୍କ ସ୍ମୃତି ଓ ଅନୁଭୂତି ବଖାଣି ଥିଲେ । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ପୁରୁଣା ରେଡ଼ିଓ ସହ ଫଟୋ ଉଠାଇଥିଲେ । ରେଡ଼ିଓ ବ୍ୟବହାରକୁ ପ୍ରୋତ୍ସାହନ ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବ୍ୟବସାୟୀ ରତ୍ନାକର ନାଥଙ୍କୁ ଏକ ରେଡ଼ିଓ ଉପହାର କରାଯାଇଥିଲା । ବଡ଼ଦାଣ୍ଡ ସେବା ସଂଗଠନର ମନୋଜ କୁମାର ସାହୁ, ମଞ୍ଜୁଲତା ସାହୁ, ସୁନିଲ ମହାପାତ୍ର, ବାଳକୃଷ୍ଣ ମହାପାତ୍ର, ଜଗନ୍ନାଥ ପାଢୀ, କୁମୁଦିନୀ ପାଢୀ, ନାରାୟଣ ରାୟସିଂହ, ଭାସ୍କର ମହାନ୍ତିଙ୍କ ସମେତ ସ୍ୱେଚ୍ଛାସେବୀ ସତ୍ୟନାରାୟଣ ସାହୁ ଓ ବିପିନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ସମସ୍ତଙ୍କୁ ରସଗୋଲା ବଂଟନ କରାଯାଇଥିଲା ।

# ସୁଡୁକୁମ୍ପାରେ ଲୋକକଳା ମହୋତ୍ସବ ଅନୁଷ୍ଠିତ, କଳାକାରଙ୍କ କଳା ପ୍ରଦର୍ଶନରେ ଉତ୍ସବ ମୁଖର ଅଂଚଳ

କନ୍ଧମାଳ, (ପି.ଏନ) କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ସୁଡୁକୁମ୍ପା ଠାରେ ଲୋକକଳା ମହୋତ୍ସବ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଲୋକକଳା ସଂସ୍କୃତି ସଙ୍ଘ ଆନୁକୂଲ୍ୟରେ ତିନୋଟି ପଂଚାୟତର ପ୍ରତି ଗ୍ରାମରେ ସଂସ୍କୃତି ପରମ୍ପରା ଲୋକକଳାକୁ ବଂଚାଇ ରଖିଥିବା ଗୋଷ୍ଠୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସୁଡୁକୁମ୍ପା ଇନ୍ଦ୍ରଯଜ୍ଞ ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ଅଂଚଳ ପରିକ୍ରମା କରି ହନୁମାନ ମନ୍ଦିର ପହଂଚି ପୂଜାର୍ଚ୍ଚନା ସାରି ସେହି ଇନ୍ଦ୍ରଯଜ୍ଞ ମଣ୍ଡପକୁ ପହଂଚି ସେଠାରେ ଗ୍ରାମାଂଚଳରେ ପୁରାତନ କାଳରୁ ପାରମ୍ପରିକ ରୀତିରେ କଳା ସଂସ୍କୃତି ଲୋକକଳ କାର ଗୋଷ୍ଠୀ ମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ରହି ନିଜର କଳାକୁ ପ୍ରଦର୍ଶନ କରି କଳାକୁ ବଂଚାଇ ରଖିବା ସହିତ କଳାକାର ଭାବେ ପରିଚୟ ସୃଷ୍ଟି କରି ସରକାରୀ ସ୍ୱୀକୃତି ପାଇବା ଓ ନିଜର ଅଧିକାର ଜାହିର କରି ସରକଙ୍କୁ ଦୃଷ୍ଟି ଆକର୍ଷଣ କରାଇ ଅନୁଦାନ ପ୍ରାପ୍ତ ହୋଇ ପାରିବା ଏହି ଲୋକକଳା ମହୋତ୍ସବର ଏକ ପ୍ରୟାସ ଓ ମୁଖ୍ୟ ଉଦେଶ୍ୟ ବୋଲି ସମାଜସେବୀ ତଥା ସ୍ଥାନୀୟ ପଂଚାୟତ ସମିତିସଭ୍ୟ ସମଂଚ ପରିଚାଳକ ବୈଦ୍ୟନାଥ ବେହେରା ସମସ୍ତଙ୍କୁ ଜଣାଇଥିଲେ । ଏହି ମହୋତ୍ସବରେ ତିନୋଟି ପଂଚାୟତ ସୁଡୁକୁମ୍ପା, ସୁଡ୍ରେଜୁ, ବିଲାବାଡ଼ିର ଲୋକକଳା ଗୋଷ୍ଠି ଦଣ୍ଡନାଚର ବିଭିନ୍ନ କଳା, ଓଡ଼ିଶୀ କୀର୍ତନ, କୃଷ୍ଣଗୁରୁ, ନଦିଆ କୀର୍ତନ, କାଳ୍ପନିକ ଓ ପୌରାଣିକ ନାଟକର ବିଭିନ୍ନ କଳା, ଆଦିବାସୀ ଖଞ୍ଜଣି ନୃତ୍ୟ, ଘୁଡୁକି ନୃତ୍ୟ, ପାଲା, ଦାସକାଠିଆ ସେହିଭଳି ଅନେକ କଳାକୁ କଳାକାରମାନେ ପ୍ରଦର୍ଶନ କରିଥିଲେ ।ପ୍ରଥମ ଅଧ୍ୟାୟରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡ଼ା ବ୍ଲକ ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇଥିବା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମମତା ମଲିକ, ବିଲାବାଡ଼ି ପଂଚାୟତ ସରପଂଚ ରବୀନ୍ଦ୍ର ଭୁକ୍ତା, ସୁଡ୍ରେଜୁ ପଂଚାୟତ ସରପଂଚ ଲକ୍ଷ୍ମୀ ପ୍ରଧାନ, ରତାବାରି ଶାଖା କୁଇସମାଜ ସଭାପତି ପଙ୍କଜ ମଲିକ, ଉପ-ସଭାପତି ହରେକୃଷ୍ଣ ମାଝୀ, ସତ୍ୟବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଦ୍ୱିତୀୟ ଅଧ୍ୟାୟରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ବିଧାୟକ ଆଙ୍ଗଦ କହଁର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସଂସଦ ପ୍ରତିନିଧି ପଙ୍କଜ ମଲିକ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଆଇୟୋଜକ ବ୍ଲକ କଳା ସଂସ୍କୃତି ସଂଘର ସଭାପତି ସରୋଜ କୁମାର ସାହୁ, ଭକ୍ତଚରଣ କହଁର, ନବକିଶୋର ନାୟକ, ନାରଦ ବେହେରା, ରଙ୍କନିଧି ପ୍ରଧାନ, ମହେଶ୍ୱର କହଁର, ସହଯୋଗରେ ସମାଜସେବୀ ମାନସ କୁମାର ମଲିକ ଉମେଶ ମଲିକ, ବୈଦ୍ୟନାଥ ବେହେରା, ଗୋକୁଳ କହଁର ଅନ୍ୟ ସମସ୍ତେ ରହିଲେ । ଅତିଥିମାନେ ନିଜ ବକ୍ତବ୍ୟରେ କଳାକୁ ସମ୍ମାନ ଜଣାଉ ସମସ୍ତେ ନିଜକୁ କେମିତି ସରକାରୀ ଅନୁଦାନ ପ୍ରାପ୍ତ ହୋଇପାରିବେ ଓ କଳାକୁ ବଂଚାଇ ରଖିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲେ ଓ କଳାକାର ଗୋଷ୍ଠିଙ୍କୁ ମାନପତ୍ର ପ୍ରଦାନ କରିଥିଲେ ।

### ବିଲେଇସର୍ଡା ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ

ବଲାଙ୍ଗୀର, (ପିଏନ): ରବିବାର ଦିନ ଅଲ୍ ଓଡିଶା ବିଲେଇସର୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ପ୍ରଥମ ଦିନର ଖେଳ ବିଲେଇସର୍ଡା ଓ ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧିଷ୍ଟ ସମୟ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସାହାଯ୍ୟ ନିଆଯାଇଥିଲା । ଏଥିରେ ବିଲେଇସର୍ଡା ୪-୨ ଗୋଲରେ ଭବାନୀପାଟଣାକୁ ପରାସ୍ତ କରିଥିଲା । ଏହି ଟୁର୍ଣ୍ଣାମେଂଟକୁ ପୁଇନ୍ତଲା ବ୍ଲକ ଚେୟାରମେନ ମନୋଜ କୁମାର ପଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ ।

# ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ : ୪୭୦୩ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

ଚମ୍ପୁଆ, (ପି.ଏନ) ଆଜି କେନ୍ଦୁଝର ଗସ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଲୋକାର୍ପଣ କରିଛନ୍ତି । ହଜାର ହଜାର ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ଆନନ୍ଦ ଉଲ୍ଲାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହା ଉଦ୍ ?ଘାଟନ କରି ଯେତେବେଳେ ପଚାରିଲେ 'ଆପଣମାନେ ଖୁସି ତ' ସେତେବେଳେ ବହୁଗୁଣିତ ଉତ୍ସାହର ସହ ପ୍ରତିଧ୍ୱନିତ ହୋଇଥିଲା 'ହଁ'। ତା'ପରେ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ବି ବହୁତ ଖୁସି ।ଏହାପରେ ଧରଣୀଧର କଲେଜକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ର ମାନ୍ୟତା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ସ୍ୱୟଂ ଏହି ମାନ୍ୟତା ପତ୍ର ପିଲାମାନଙ୍କୁ ଦେବାକୁ ଚାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ ପ୍ରକାଶ କରିବା ପରେ ଆନନ୍ଦ, ଉଲ୍ଲାସ ମଧ୍ୟରେ ଛାତ୍ର,ଛାତ୍ରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଶ୍ୱବିଦ୍ୟାଳୟ ମାନ୍ୟତାର ନିର୍ଦ୍ଦେଶନାମା ଦେଖାଇଥିଲେ । କେନ୍ଦୁଝରରେ ମେଡିକାଲ କଲେଜ ସହ ଏକ କ୍ୟାନସର ଚିକିତ୍ସା କେନ୍ଦ୍ର ଓ ନର୍ସିଂ କଲେଜ ପାଇଁ ଭିତିଭୂମି ଦିଆଯାଇଛି ଏବଂ ଏହା ଖୁବଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଦ୍ୱାରା ଡାକ୍ତର ଅଭାବ ଦୂର ହେବା ସହିତ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରିବ ଏବଂ ଜିଲ୍ଲାବାସୀ ଆଉ କଟକ-ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡିବ ନାହିଁ କ୍ଷ ସବୁ ଜୀବନ ମୋ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନୀତିରେ ରାଜ୍ୟର ସ୍ୱାସ୍ଥ୍ୟସେବାର ବିକାଶ କରାଯାଉଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାରା ରାଜ୍ୟରେ ୮ ଲକ୍ଷ ୩୦ ହଜାର ୭୭୩ ଲୋକ ଉପକୃତ ହୋଇଥିବା ବେଳେ ଏଥିପାଇଁ ୧୮୨୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । କେବଳ କେନ୍ଦୁଝରରେ ୨୪ ହଜାର ଲୋକ ଉପକାର ପାଇଛନ୍ତି ଏବଂ ୪୭ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଅର୍ଥ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ, କେନ୍ଦୁଝର ସାଂସଦ ଶ୍ରୀମତୀ ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝର ବିଧାୟକ ଶ୍ରୀ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଘସିପୁରା ବିଧାୟକ ଶ୍ରୀ ବଦ୍ରି ନାରାୟଣ ପାତ୍ର, ଆନନ୍ଦ ପୁର ବିଧାୟକ ଶ୍ରୀ ଭାଗିରଥି ସେଠୀ, ଓ ତେଲକୋଇ ବିଧାୟକ ଶ୍ରୀ ପ୍ରେମାନନ୍ଦ ନାଏକ, କେନ୍ଦୁଝର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଜଗନ୍ନାଥ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରୀକା ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ପାଇଁ ୪୭୦୩ କୋଟି ଟଙ୍କାର ୨୫୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୧୧୦୩ କୋଟି ଟଙ୍କାର ୧୩୮ଟି ପ୍ରକଳ୍ପ ପାଇଁ ଭିତିଭୂମି ଦିଆଯାଇଥିବା ବେଳେ, ୮୬୮ କୋଟି ଟଙ୍କାର ୯୮ଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା ଏବଂ ୨୭୩୧ କୋଟି ଟଙ୍କାର ୨୩ଟି ନୂଆ ପ୍ରକଳ୍ପ ପାଇଁ ଘୋଷଣା ରହିଛି । ଜିଲ୍ଲାରେ ୧୪,୩୭୨ ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ୧.୬୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୩୭୮ କୋଟି ଟଙ୍କାର ସୁଧବିହୀନ ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଛି । ବାଂଶପାଳର ବଣପୁଷ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କାର ଋଣ ଚେକ୍ ଆକାରରେ ପ୍ରଦାନ କରିଥିଲେ ଏବଂ ଘଷିପୁରାର ବିଜୟା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୫,୭୫୭ ଟଙ୍କାର ସୁଧ ରିହାତି ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତିର ମା ମାନେ ରାଜ୍ୟର ସୁନାମ ବୃଦ୍ଧି କରିଛନ୍ତି । ସେମାନଙ୍କୁ ଉଦ୍ୟୋଗୀ କରିବା ମୋର ଲକ୍ଷ୍ୟ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ଯେ ଏହି ଅର୍ଥରେ ସେମାନେ ଭଲ ବିଜିନେସ୍ କରି ନିଜର, ନିଜ ପରିବାରର ଓ ନିଜ ଅଂଚଳର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ, ମହିଳା ଓ ଯୁବସମାଜ ଆମ ରାଜ୍ୟର ତ୍ରିଶକ୍ତି । ଏମାନେ ହିଁ ଆମ ରାଜ୍ୟର ପ୍ରଗତୀର ସାରଥୀ ଏବଂ ଏକ ବିକଶିତ ଓଡିଶାର ସ୍ୱପ୍ନକୁ ପୂରଣ କରିବାରେ ଏହି ତ୍ରିଶକ୍ତି ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନୂଆ ମେଡିକାଲ କଲେଜର ଅଡିଟୋରିଅମରେ ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ ।

### ଟିଆଁସିପଶିରେ ବ୍ଲକସ୍ତରୀୟ ପାଲାକାର ସଂଘର ସମ୍ମିଳନୀ ଅନୁଷ୍ଠିତ

ଚମ୍ପୁଆ, (ପି.ଏନ): ଉପାନ୍ତ ଚମ୍ପୁଆ ବ୍ଲକ, ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ଟିଆଁସିପଶି ପାଲା ମଣ୍ଡପ ଠାରେ ଦୁଇଦିନ ଧରି ଶ୍ରୀ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାକାର ପରିଷଦ, ଚନ୍ଦ୍ରଶେଖର ମଣ୍ଡଳ, ଚମ୍ପୁଆ ବ୍ଲକସ୍ତରୀୟ ପାଲାକାର ସଂଘ ର ସମିଳନୀ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଦିନ ସଂଘର ସଭାପତି ଉପେନ୍ଦ୍ରନାଥ ନାୟକଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇ ଗାୟକ ସୁରଥ ଗିରି, ସୁରେଶ ଗିରି, ବୀଣାପାଣି ମହାରଣା ଓ ତାଙ୍କ ସାଥି କଳାକାର ପାଲା ପରିବେଷଣ କରିଥିଲେ । ଦ୍ୱିତୀୟ ଦିନ ଉଦଯାପନୀ ସଭାରେ ରଙ୍ଗାମାଟିଆ ପଂଚାୟତ ପୂର୍ବତନ ସରପଂଚ ରତିକାନ୍ତ ସିଂହଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇ ଥିବାବେଳେ ଚମ୍ପୁଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ସିଂହ ସଂଯୋଜନା କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥି ବକ୍ତା ଭାବେ ଜିଲ୍ଲା ପାଲାକାର ସଂଘ ସମ୍ପାଦକ ଲୋକନାଥ

## ଇମ୍ପେରିଆଲ କ୍ଲାସିକ ୨୦୨୩ ଉଦଯାପିତ

ବଲାଙ୍ଗୀର, (ପି.ଏନ): ସ୍ଥାନୀୟ ଟାଉନ ହଲଠାରେ କଳିଙ୍ଗ ବଡି ବିଲ୍ଡିଂ ସଂଘ ଦ୍ୱାରା ଆୟୋଜିତ ଇମ୍ପେରିଆଲ କ୍ଲାସିକ ୨୦୨୩ ଉଦଯାପତି ହୋଇଯାଇଛି । ଏଥିରେ ଗଞ୍ଜାମର ବ୍ରଜବନ୍ଧୁ ସୁଆର ପୁରୁଷ ବିଭାଗରେ ଚମ୍ପିଆନ ଅଫ ଚମ୍ପିଆନ୍ସ ବିବେଚିତ ହୋଇଥିବାବେଳେ ବଲାଙ୍ଗିରର କଲ୍ୟାଣି ଦାସ ମିସ ଇମ୍ପେରିଆଲ କ୍ଲାସିକ ଆକ୍ଷା ଅର୍ଜନ କରିଛନ୍ତି । କେନ୍ଦ୍ରୀୟ ପୋଲିସ ବଳର କମାଣ୍ଡେଂଟ ଅଫିସର ପବନ ତିୱାରି ମୁଖ୍ୟ ଅତିଥି ରୁପେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।କଳିଙ୍ଗ ବଡି ବିଲ୍ଡିଂ ଓ ଫିଟନେସ ସଂଘର ସାଙ୍ଗଠନିକ ସଂପାଦକ ବାଳକୃଷ୍ଣ ବାଗଙ୍କ ପରିଚାଳନା ତଥା ଜିଲ୍ଲା ସଭାପତି ଗୋପାଳ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୧୧ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ଦିନ ସକାଳୁ ସଂଘ ପକ୍ଷରୁ ପ୍ରତିଯୋଗୀମାନେ ଏକ ଶୋଭା ଯାତ୍ରାରେ ବାହାରି ସମାଜକୁ ସୁସ୍ଥ ଶରୀରର ବାର୍ତା ଦେଇଥିଲେ । ପରେ ପରେ ସମସ୍ତ ପ୍ରତିଯୋଗୀଙ୍କ ଓଜନ ଓ ଉଚ୍ଚତା ମାପ କରି ପୁରୁଷ ବିଭାଗରେ ୯ଟି ଭେଟରାନଙ୍କ ପାଇଁ ଗୋଟିଏ ବର୍ଗ ନିର୍ଦ୍ଧାରିତ କରାଯାଇଥିଲା । ମହିଳାମାନଙ୍କ ପାଇଁ ଫିଟନେସ ଟେଷ୍ଟ ହୋଇଥିଲା । ତନ୍ମଧ୍ୟରୁ ଗଞ୍ଜାମର ବ୍ରଜବନ୍ଧୁ ସୁଆର ଚମ୍ପିଆନ ଅଫ ଚମ୍ପିଆନ, ସମ୍ବଲପୁରର ଶଙ୍କର ମେହେର ରନର୍ସ ଅପ, ସମ୍ବଲପୁରର ଅନିଲ ବାଗ ମୋଷ୍ଟ ମସ୍କୁଲାର ଓ କଳାହାଣ୍ଡିର ଦେବେନ ନାଏକ ମୋଷ୍ଟ ଇମ୍ପେରିଆଲ ବିବେଚିତ ହୋଇଥିଲେ । ସେହିପରି ମହିଳା ବିଭାଗରେ ବଲାଙ୍ଗୀରର କଲ୍ୟାଣି ଦାସ ମିସ ଇମ୍ପେରିଆଲ ଆଖ୍ୟା ଅର୍ଜନ କରିଥିଲେ । ଉଦଯାପନି ଉତ୍ସବରେ ରାଜ୍ୟ ଟ୍ରକ ସଂଘ ସଭାପତି ବିରେନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ରୁପେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ଏମ କେ ସ୍ୱାଇଁ, ଜିଲ୍ଲା ସଂପାଦକ ସନ୍ତୋଷ ମହାନ୍ତି, ସହ ସଂପାଦକ ନିଶାନ୍ତ ବହିଦାର, ଅମିତାଭ ପରିଡା, ରାକେଶ ପରିଡା, ସୌରଭ ସାହୁ, ରାଜୀବ ମହାନ୍ତି, ଦେବାଶିଷ ପାତ୍ର ଓ ଦୀପୁ ସାହୁ ପ୍ରମୁଖ ସଂଘର କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଏସ୍‌ଏସ୍‌ଭିଏମ୍ ଫୁଲବାଣୀ ଠାରେ କନ୍ୟା ଶିବିର ଅନୁଷ୍ଠିତ

କନ୍ଧମାଳ (ପି.ଏନ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଫୁଲବାଣୀ ପରିସରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ, ମାତୃ ଭାରତୀର ସଭାପତି ପ୍ରମିଳା ବେହେରା, ସମ୍ପାଦକ କଳ୍ପଲତା କର ଉପସ୍ଥିତ ଥିଲେ । ପ୍ରାୟ ୭୦ ଜଣ ଭଉଣୀ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଯଥା ଅଳତା ଲଗାଇବା, ଝୋଟି, ଶାଢ଼ୀ ପିନ୍ଧା, ଖାଦ୍ୟ ପ୍ରସ୍ତୁତି ଓ ବ୍ୟବସାୟିକ ମେଳା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ କଳ୍ପନା ଦଳେଇ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଫିରିଙ୍ଗିଆ ମହାବିଦ୍ୟାଳୟର ଅଧ୍ୟାପିକା ହରପ୍ରିୟା ମିଶ୍ର, ଅନୁଷ୍ଠାନର ସମ୍ପାଦକ ବିରଂଚି ନାରାୟଣ ମିଶ୍ର, ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Wednesday February 15, 2023 ଭୁବନେଶ୍ୱର ବୁଧବାର, ଫେବୃଆରୀ ୧୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ୧୮ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟିଲ୍ ପରିବାର ଶିକ୍ଷାବୃତି ପ୍ରଦାନ




ଦାନଗଦୀ ( ସପନ କର ) (ପି.ଏନ): ଟାଟା ଷ୍ଟିଲ କଳିଙ୍ଗନଗରର (ଟିଏସ୍) ବିସ୍ଥାପିତ ପରିବାରର ୧୮ ଜଣ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ଯାଜପୁର ଜିଲ୍ଲାର ଡୁବୁରି ନିକଟସ୍ଥ ଟାଟା ଷ୍ଟିଲ କଳିଙ୍ଗନରର କର୍ପୋରେଟ୍ ସର୍ଭିସେସ୍ ହଲ୍‌ରେ ସୋମବାର ଦିନ " ଟାଟା ଷ୍ଟିଲ ପରିବାର ଶିକ୍ଷାବୃତି ୨୦୨୨- ୨୩' ପ୍ରଦାନ କରାଯାଇଛି ।ଏହି ଅବସରରେ ଟିଏସ୍କର ମେକାନିକାଲ୍ ମେଟେନାନ୍ସ ବିଭାଗର ଚ୍ରିଫ୍ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିଏସ୍କର ସିକ୍ୟୁରିଟି ବିଭାଗର ଚ୍ରିଫ୍ ପ୍ରକାଶ ସଞ୍ଜୟ, ଟିଏସ୍କ ?ର ପୁନର୍ବାସ ଓ ଥଇଥାନ ବିଭାଗର ମୁଖ୍ୟ ସୁବ୍ରତ ମହାପାତ୍ର ଏବଂ ଟିଏସ୍ ଓ ଟିଏସ୍ଏମ୍ର କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ । କଂପାନିର ଅନ୍ୟାନ୍ୟ ଅଧିକାରୀ, ସ୍ଥାନୀୟ ସମାଜର ନେତୃବୃନ୍ଦ ଓ ବିସ୍ଥାପିତ ଲୋକଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅତିଥିମାନେ ଏହି ଛାତ୍ରବୃତି ପ୍ରଦାନ କରିଛନ୍ତି । ମୋଟ ୧୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ ଜଣ ନୂତନ ଭାବେ ଛାତ୍ରବୃତି (ସ୍କଲାରସିପ) ପାଇଛନ୍ତି ଏବଂ ସେମାନେ ଡିପ୍‌ଲୋମା ପାଠ ପଢ଼ିବାକୁ ଚ୍ୟନ କରିଛନ୍ତି । ଛଅ ଜଣ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ପାଠ ପଢୁଛନ୍ତି ଏବଂ ୧୧ ଜଣ ଛାତ୍ରଛାତ୍ରୀ ଡିପ୍‌ଲୋମା ଇଞ୍ଜିନିୟରିଂ ପଢୁଥିବା ବେଳେ ଜଣେ ଏମ୍ ?ବିଏ ପାଠ ପଢୁଛନ୍ତି । ଏହି ଶିକ୍ଷାବୃତିରେ ପାଠପଢ଼ାର ସମ୍ପୂର୍ଣ୍ଣ ଅବଧି ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ସମ୍ପୂର୍ଣ୍ଣ ଟ୍ୟୁସନ ଫି', ନାମଲେଖା ଫି' ଏବଂ ହଷ୍ଟେଲ୍ ଦେୟ ସାମିଲ ରହିଛି ।ଶିକ୍ଷାବୃତି ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଶଙ୍କର ବିଶ୍ୱାସ କହିଛନ୍ତି ଯେ, "ଟାଟା ଷ୍ଟିଲ ଏହାର କାର୍ଯ୍ୟ କ୍ଷେତ୍ରର ପାରିପାର୍ଶ୍ୱିକ ଅଂଚ୍ଳର ଲୋକମାନଙ୍କ ବିକାଶ ପ୍ରତି ପ୍ରତିବଦ୍ଧ ରହିଛି ଏବଂ ଏହି ଶିକ୍ଷାବୃତି ହେଉଛି ସେହି ପ୍ରତିବଦ୍ଧତା ଦିଗରେ ଏକ ପଦକ୍ଷେପ । ଏହି ଅଭିଯାନ ସହ ଯୁବପିଢ଼ିଙ୍କୁ ଏକ ଉତମ କ୍ୟାରିୟର ପାଇଁ ପ୍ରସ୍ତୁତ ଓ ସହାୟତା କରିବା ଲାଗି ଟାଟା ଷ୍ଟିଲ୍ ଲକ୍ଷ୍ୟ ରଖିଛି ଯାହା ସେମାନଙ୍କ ପରିବାରର ଜୀବନକୁ ରୂପାନ୍ତରିତ କରିପାରିବ । ଶିକ୍ଷାୟନର ଲାଭ ବିସ୍ଥାପିତ ପରିବାର ପାଖରେ ନିଶ୍ଚିତ ପହଂଚ୍ରିବା ଦରକାର ଯେଉଁମାନେ କଳିଙ୍ଗନଗରର ବିକାଶର ସହଯୋଗୀ ହୋଇଛନ୍ତି ।''୨୦୦୭ରେ ଅଭିଳାଷକୁ ପୂରଣ କରିବା ହେଉଛି ଏହାର ଲକ୍ଷ୍ୟ ଯେଉଁମାନେ ସଚେତନତା ଅଭାବରୁ ଉଚ୍ଚ ଶିକ୍ଷାରୁ ବଂଚ୍ରିତ ହେଉଛନ୍ତି । ପରବର୍ତୀ ପିଢ଼ି କେବଳ ଅଣ-କୁଶଳକାର୍ଯ୍ୟରେ ନିଯୁକ୍ତ ନହୋଇ ଶ୍ରେଷ୍ଠମାନଙ୍କ ସହ ପ୍ରତିଦ୍ୱନ୍ଦିତାର ସୁଯୋଗ ପାଇବା ବିଷୟକୁ ନିଶ୍ଚିତ କରିବା ଲାଗି ଏହି ସ୍କିମ୍ ଆନ୍ତର୍ଜାତିକ ଶ୍ରେଷ୍ଠ ପ୍ରଥାର ମାନ୍ୟତା ପ୍ରଦାନ କରାଯାଇଛି । ବିଟେକ୍, ଏମ୍‌ବିବିଏସ୍, ଏମ୍‌ବିଏ ଓ ଇଞ୍ଜିନିୟରିଂରେ ଡିପ୍‌ଲୋମା ଭଳି ପ୍ରଫେସନାଲ ପାଠ୍ୟକ୍ରମରେ ବିଭିନ୍ନ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପାଠପଢ଼ିବା ଲାଗି ନାମଲେଖାଇବା ସୁଯୋଗ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ସ୍କିମ୍‌ରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୦୭ ପରଠାରୁ ଟାଟା ଷ୍ଟିଲ୍ ପକ୍ଷରୁ ବିସ୍ଥାପିତ ପରିବାରର ୨୧୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତି
ଦିଆଯାଇଛି । ଏହି କାର୍ଯ୍ୟକ୍ରମର ଲାଭ ହାସଲ କରିବା ଏବଂ ଏକ ଉତ୍ତମ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କରିବା ନିମନ୍ତେ ବିସ୍ଥାପିତ ପରିବାରର ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟିଲ୍ ପକ୍ଷରୁ ଉତ୍ସାହିତ କରାଯାଉଛି ।

## ଅଜିତ୍ କୁମାର ସ୍ୱାଇଁଙ୍କ କ୍ରୀଡ଼ାରତ୍ନ ସମ୍ମାନ

ଦର୍ପଣ,(ପିଏନ୍): ଯାଜପୁର ଜିଲ୍ଲାର ବରିଷ୍ଠ କ୍ରିଡ଼ାବିତ୍ ଅଜିତ୍ କୁମାର ସ୍ୱାଇଁ କ୍ରିଡ଼ାରତ୍ନ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି । ଚଣ୍ଡିଖୋଲ ନିକଟସ୍ଥ ନୀଳକଣ୍ଠପୁର ଠାରେ ବିବେକାନନ୍ଦ ପ୍ରଗତି ଆନୁକୂଲ୍ୟରେ ପପୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଶ୍ରୀ ସ୍ୱାଇଁ ଦୀର୍ଘଦିନ ହେଲା ଯାଜପୁର ଜିଲ୍ଲାରେ ଜଣେ ପ୍ରତିଷ୍ଠିତ କ୍ରିକେଟ ଖେଳାଳୀ ଭାବେ ପରିଚ୍ରିତ । ବିଭିନ୍ନ କ୍ଲବରୁ କ୍ରିକେଟ୍ ଖେଳିବା ସହିତ କ୍ରିଡାର ପ୍ରଚାର ଓ ପ୍ରସାର ଦିଗରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁଧାଂଶୁଶେଖର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗୌତମ ସାହୁ, ମନୋରଂଜନ ସାହୁ, ସତ୍ୟବ୍ରତ ସାହୁ, ଲୋକନାଥ ରାଉତ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ ।

## ଗାଁ ସାଥିମାନଙ୍କୁ ପରିଚ୍ରୟ ପତ୍ର ବଣ୍ଟନ



ବାଲିଅନ୍ତା,(ପି.ଏନ): ଗତ ସୋମବାର ଦିନ ଅପରାହ୍ନ ବାଲିଅନ୍ତା ବ୍ଲକ ସଭା କକ୍ଷରେ ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକଙ୍କ ଦ୍ୱାରା ମନରେଗା କାର୍ଯ୍ୟରେ ନିୟୋଜିତ ଗାଁ ସାଥୀମାନଙ୍କୁ ପରିଚ୍ରୟ ପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ସଂଘ ତରଫରୁ ବହୁଦିନ ଧରି ଦାବି ହୋଇଆସୁଥିଲା । ଏହି ପରିଚ୍ରୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଜୟଦେବ ଗାଁ ସାଥୀ ସଂଘର ସମ୍ପାଦକ ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ ୧୭ ଜଣ ଗାଁ ସାଥୀ ପରିଚ୍ରୟ ପତ୍ର ଗ୍ରହଣ କରିଥିଲେ । ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ଜିଆରଏସ ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ । ସଂଘ ପକ୍ଷରୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ ଅର୍ପଣ କରାଯାଇଥିଲା ।

## ୨୨ତମ ପାରାଦୀପ ବନ୍ଦର ଆମନ୍ତ୍ରଣ ଗଲ୍ଫ ପ୍ରତିଯୋଗିତା ଅନୁଷ୍ଠିତ

ପାରାଦୀପ,(ପି.ଏନ): ପାରାଦୀପ ଗଲ୍ଫ କୋର୍ସଠାରେ ରବିବାର ଦିନ ୨୨ତମ ପାରାଦୀପ ବନ୍ଦର ଆମନ୍ତ୍ରଣ ଗଲ୍ଫ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପାରାଦୀପ ଗଲ୍ଫ କ୍ଲବ୍‌ର ଧର୍ମେନ୍ଦ୍ର ମିଶ୍ର ଚମ୍ପିୟାନ ହୋଇଥିବା ବେଳେ ମଧୁ ଚଢା ମହିଳା ବିଭାଗରେ ଚମ୍ପିୟାନ ହୋଇଛ଼ନ୍ତି । ଅକ୍ଷୟ ଚନ୍ଦ୍ର ସୂତାର ପଟିଙ୍ଗରେ ବିଜେତା ହୋଇଥିବା ବେଳେ କନିଷ୍ଠ ବର୍ଗରେ ଦିପ୍ତିମୟୀ ବେହେରା ବିଜେତା ହୋଇଛ଼ନ୍ତି । ଏହି ପ୍ରତିଯୋଗିତାକୁ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, ଲେଡିଜ୍ କ୍ଲବ୍ ଉପସଭାନେତ୍ରୀ ସୁଚିସ୍ମିତା ବୋଷ ଜିକେଏସ୍‌ର ସଭାପତି ଡି.ଏନ୍.ଷୋଣ୍ଢୀ କୃତି ବିଜେତାଙ୍କୁ ପୁରସ୍କୃତ କରିଥିଲେ । ଗଲଫ କ୍ଲବ୍ କାର୍ଯ୍ୟକାରୀ ସଭାପତି ବବୁଲ୍ ସିକଦାର,ସମ୍ପାଦକ ମନୋଜ କୁମାର ମହାନ୍ତ,ଉପସଭାପତି ଅକ୍ଷୟ ଚନ୍ଦ୍ର ସୂତାର,ଡା.ଡି.ପି.ସେଠୀ,ରଂଜନ ରଶ୍ମୀ ବେଉରା ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ୭ଗୋଟି ଅଗ୍ରଣୀ ଗଲ୍ଫ କ୍ଲବ୍‌ରୁ ମୋଟ ୭୦ଜଣ ଗଲ୍ଫର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଅନୁଷ୍ଠିତ



ବଡମ୍ବା,(ପି.ଏନ): ପରାମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ରଙ୍କର ପୂଣ୍ୟ ୧୩୫ତମ ଜନ୍ମ ମହୋତ୍ସବ ସତସଙ୍ଗ ବିହାର, ବଡମ୍ବା ଆନୁକୂଲ୍ୟରେ ମହାସମାରୋହରେ ପରିପାଳିତ ହୋଇ ଯାଇଛି । ବ୍ରାହ୍ମ ମୁହୂର୍ତ୍ତରୁ ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନ ସହ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଗୁଡିକ ଖୁବ ଆକର୍ଷଣୀୟ ହୋଇଥିଲା । ମାତୃସମ୍ମିଳନୀ, ସୁଦୃଶ୍ୟ ରଥରେ ଠାକୁରଙ୍କ ପ୍ରତିକୃତି ସହ ନଗର ପରିକ୍ରମା ଓ ସନ୍ଧ୍ୟାରେ ସତସଙ୍ଗ -ସଦାଲୋଚ଼ନା ଅନୁଷ୍ଠିତ ହୋଇଥିଲା । ସାମ୍ପ୍ରଦାୟିକ ସଦଭାବ ଓ ସଂପ୍ରିତୀର ଆଦର୍ଶ ସମାଜ ଗଠନ ଦିଗରେ ସାର୍ବଜନୀକ କଲ୍ୟାଣର ମୂର୍ତ୍ତ ବିଗ୍ରହ ପୁରୁଷୋତ୍ତମ ହିଁ ଏକମାତ୍ର ଅନୁସରଣୀୟ ଏହା ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ଅନୁଗାମୀ ତଥା ବକ୍ତାମାନେ ମତ ରଖିଥିଲେ । ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ରଘୁପତି ମହାନ୍ତି ଏବଂ ଯୁବ ନେତା ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁ ସମାବେଶରେ ଯୋଗଦାନ କରିଥିଲେ । ସ. ପ୍ର. ଋ. ପଦ୍ମନାଭ ମହାନ୍ତି ଓ ସୀତାରାମ ଚୌଧୁରୀ ଉତ୍ସବକୁ ସଂଚ଼ାଳନା କରିଥିଲେ ।

## ଆଇଓୟୁଡବ୍ଲ୍ୟୁଜେ ଓ ଓୟୁଡବ୍ଲ୍ୟୁଜେର ପକ୍ଷରୁ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ

ପାରାଦୀପ,(ପି.ଏନ):ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ଓ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ) ଓଡିଶା ଶାଖା ପକ୍ଷରୁ ଏକ ବୈଠକ ପାରାଦୀପ ଜୟଦେବ ସଦନ ପରିସରରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦରର ସଚୀବ ଡ.ପି.ଏନ୍.ବାହେକର ଉଦଘାଟନ କରିଥିଲେ । ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା, ଓୟୁଡବ୍ଲ୍ୟୁଜେର ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ,ବରିଷ୍ଠ ସାମ୍ବାଦିକ ଡ.ମହେଶ୍ୱର,ଭୁବନେଶ୍ୱର ୟୁନିଟ୍ ସଭାପତି କିଶୋର ଚନ୍ଦ୍ର ମଙ୍ଗରାଜ, ଓୟୁଡବ୍ଲ୍ୟୁଜେର ରାଜ୍ୟ ସଙ୍ଗଠନ ସମ୍ପାଦକ ତଥା ଦୈନିକ ସମ୍ବାଦପତ୍ର ବିଶ୍ୱବାଣୀର ସମ୍ପାଦକ ଅର୍ଜୁନ ଚରଣ ମୁଦୁଲି, ପୁରୀର ବରିଷ୍ଠ ସାମ୍ବାଦିକ ରମାକାନ୍ତ ପାତ୍ର, ଓୟୁଡବ୍ଲ୍ୟୁଜେ ରାଜ୍ୟ ସାଧାରଣ ସମ୍ପାଦକ ତପନ କୁମାର ମହାରଣ୍ୟ ଶର୍ମା,ମନସା ଚାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷ ମୃତ୍ୟୁଂଜୟ ମିଶ୍ର, ବନ୍ଦରର ଲୋକ ସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ବିଷ୍ଣୁସାମନ୍ତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ




ଦର୍ପଣ,(ପିଏନ୍):ବଡ଼ଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ନୂଆହାଟ ସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଓଡ଼ିଶାରେ ଶିକ୍ଷକ ଶିକ୍ଷାର ସମସ୍ୟା ଏକ ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟଅଧାପିକା ନିରୂପମା ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଲେଚନା ଚକ୍ର ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସଭାପତି ନିରୂପମା ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ଅଧାପିକା ଶ୍ରାବଣୀ କନ୍ୟା ସ୍ୱାଗତିକା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ବ୍ରଜକିଶୋର ସ୍ୱାଇଁ ସ୍ୱାଗତ କରିବା ସହିତ ଶିକ୍ଷାର ମହତ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ସମାଜ ଶାସ୍ତ୍ର ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧାପକ ପ୍ରମୋଦ କୁମାର ଖଣ୍ଡାଇ ଶିକ୍ଷାର ବିଭିନ୍ନ ଉପଯୋଗୀତା ତଥା ଶୃଙ୍ଖଳାଜ୍ଞାନ କିପରି ଛାତ୍ରଜୀବନରେ ବିଶେଷ ଉପଯୋଗୀ ତାହା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ୪୪୮ବର୍ଗ ମହାବିଦ୍ୟାଳୟ ଅଧାପକ ଓ କର୍ମଚାରୀ ସଂଘର ସଭାପତି ପବିତ୍ର ମୋହନ ମହାଲା ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ସ୍ୱପ୍ନ ଦେଖିବା ପାଇଁ ଆହ୍ୱାନ ଦେବା ସହିତ ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେବା ସହ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅନୁଭୂତି ବଖାଣିଥିଲେ । ସଭାର ମୁଖ୍ୟ ଆକର୍ଷଣ ତଥା ବିଷୟ ବିଶେଷଜ୍ଞ ଧର୍ମଶାଳା ମହାବିଦ୍ୟାଳୟାର ଶିକ୍ଷା ବିଭାଗର ଅଧାପିକା ପ୍ରଫେସର ଲୀନା ରାୟ ଓଡ଼ିଶାରେ ଶିକ୍ଷକ, ଶିକ୍ଷାର ସମସ୍ୟା ଏବଂ ଆହ୍ୱାନ କସମ୍ପର୍କରେ ଏକ ଗବେଷଣା ମୂଳକ ତଥ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଶିକ୍ଷାବିଭାଗର ଛାତ୍ରଛାତ୍ରୀମାନେ ପାଠଚକ୍ରର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ଶେଷରେ ଛାତ୍ରୀ ସୁପ୍ରୀୟା କବି ଧନ୍ୟବାଦ ଅର୍ପଣ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray